KOSHALA PRABAHA
# କୋଶଳ ପ୍ରବାହ
Postal Regd.No. BGR-02/2018-20
ବର୍ଷ - ୨୧ ■ ସଂଖ୍ୟା - ୦୭
Volum.-21 ■ Issue No.- 07
Sunday ■ Balangir
ରବିବାର ■ ବଲାଙ୍ଗିର
www.koshalaprabaha.com
R.N.I.No.: ODIODI/2000/03637 ● ୨୦ ଡିସେମ୍ବର - ୨୬ ଡିସେମ୍ବର ୨୦୨୦ ● 20 Dec. - 26 Dec. 2020 ● Odia Weekly ● 8 Pages, Rs.2/- only

### ପଶ୍ଚିମବଙ୍ଗ ଗସ୍ତର ଅନ୍ତିମ ଦିନରେ ଓଏନଜିସିର ଅଷ୍ଟମ ଉତ୍ପାଦନ ବେସିନ୍ ରାଷ୍ଟ୍ର ଉଦ୍ଦେଶ୍ୟରେ ସମର୍ପିତ କଲେ କେନ୍ଦ୍ରମନ୍ତ୍ରୀ

## ୭୦ ବର୍ଷର ଅପେକ୍ଷା ପରେ ଦେଶ ପାଇଁ ବଡ଼ ସଫଳତା ଆଣିଛି ଓଏନଜିସି : ଧର୍ମେନ୍ଦ୍ର ପ୍ରଧାନ



- ସଫଳତା ପାଇଁ ଓଏନଜିସିକୁ ଶୁଭେଚ୍ଛା ଜଣାଇଲେ କେନ୍ଦ୍ରମନ୍ତ୍ରୀ
- ଉତ୍ପାଦନ ବେସିନ ଦ୍ୱାରା ସର୍ବୋତ୍କୃଷ୍ଟ ମାନର ଅଶୋଧିତ ତୈଳ ଉତ୍ପାଦନ କରାଯିବ
- ଉତ୍ପାଦିତ ଅଶୋଧିତ ତୈଳକୁ ହଳଦିଆ ରିଫାଇନାରୀକୁ ନିଆଯିବ
- ପଶ୍ଚିମବଙ୍ଗର ବିକାଶ ଓ ଅଭିବୃଦ୍ଧି ପାଇଁ ନୂଆ ସମ୍ଭାବନା ଆଣିବ
- ପଶ୍ଚିମବଙ୍ଗରେ ଓଏଏଲପି ଅଧୀନରେ ତୈଳ ଏବଂ ଗ୍ୟାସର ଅନ୍ୱେଷଣ ପାଇଁ ଲିଜ୍ ନିଆଯାଇଛି
- ପ୍ରଧାନମନ୍ତ୍ରୀ ପୂର୍ବ ଭାରତର ବିକାଶର ଲକ୍ଷ୍ୟକୁ ପୂରଣ କରିବା ଦିଗରେ ଅଗ୍ରସର

ନୂଆଦିଲ୍ଲୀ, (ପିଆଇବି) : ସ୍ୱାଧୀନତାର ୭୦ ବର୍ଷର ଅପେକ୍ଷା ପରେ ତୈଳ ଓ ଗ୍ୟାସ ଅନ୍ୱେଷଣ ଏବଂ ଉତ୍ତୋଳନ ରାଷ୍ଟ୍ରାୟତ କମ୍ପାନୀ ଓଏନଜିସି ଦେଶ ପାଇଁ ବଡ଼ ସଫଳତା ଆଣିଛି ବୋଲି ରବିବାର ପଶ୍ଚିମବଙ୍ଗର ଅଶୋକନଗର ଠାରେ ଓଏନଜିସିର ଅଷ୍ଟମ ଉତ୍ପାଦନ ବେସିନ୍ ରାଷ୍ଟ୍ର ଉଦ୍ଦେଶ୍ୟରେ ସମର୍ପିତ କରିବା ଅବସରରେ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସେହିପରି ଆଜିର ଉଦଘାଟନ ଉତ୍ସବ ପଶ୍ଚିମବଙ୍ଗର ବିକାଶ ଓ ଅଭିବୃଦ୍ଧି ପାଇଁ ନୂଆ ସମ୍ଭାବନା ଆଣିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ତିନିଦିନିଆ ପଶ୍ଚିମବଙ୍ଗ ଗସ୍ତରେ ଥିବା କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଗସ୍ତର ଅନ୍ତିମ ଦିନରେ ଏହାକୁ ଲୋକାର୍ପଣ କରିବା ଅବସରରେ କହିଛନ୍ତି ଯେ ୧୯୪୯ ମସିହାରୁ ପଶ୍ଚିମବଙ୍ଗର ବ୍ରହ୍ମପୁତ୍ର, ଦାମୋର, ଗଙ୍ଗା ତ୍ରିକୋଣଭୂଖଣ୍ଡରୁ ତୈଳ ଓ ଗ୍ୟାସର ଅନୁସନ୍ଧାନ କରାଯାଉଥିଲା । ୬୦ ଦଶକରେ ଓଏନଜିସି ମଧ୍ୟ ତୈଳ ଓ ଗ୍ୟାସର ସନ୍ଧାନ ପାଇଁ ଏଠାରୁ ଡ୍ରିଲିଂ ଜାରି ରଖିଥିଲା । ତେବେ ସ୍ୱାଧୀନତାର ଦୀର୍ଘ ବର୍ଷର ଅପେକ୍ଷା ପରେ ପଶ୍ଚିମବଙ୍ଗର ଏହି ଭୂଖଣ୍ଡରୁ ଅଶୋଧିତ ତୈଳ ଉତ୍ପାଦନ କରାଯିବ । ଏହି ସଫଳତା ପାଇଁ ଶ୍ରୀ ପ୍ରଧାନ ଓଏନଜିସିକୁ ଶୁଭେଚ୍ଛା ଜଣାଇଛନ୍ତି । ୨୦୧୪ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦାୟିତ୍ୱ ନେବା ପରେ ଦେଶର ତୈଳ ଓ ଗ୍ୟାସ ଆମଦାନୀ ନିର୍ଭରତାକୁ ହ୍ରାସ କରିବା ପାଇଁ ଦେଶରୁ ହିଁ ତୈଳ ଓ ଗ୍ୟାସର ଅନୁସନ୍ଧାନ କରିବାର ଆବଶ୍ୟକତା ରହିଛି ବୋଲି କହିଥିଲେ । ଏହା ପେଟ୍ରୋଲିୟମ ବିଭାଗ ପାଇଁ ବଡ଼ ଚ୍ୟାଲେଞ୍ଜ ଥିଲା । ପ୍ରଧାନମନ୍ତ୍ରୀଙ୍କ ଏହି ଆହ୍ୱାନ କ୍ରମେ ଅଶୋକନଗର ଠାରେ ଉଦଘାଟିତ ହୋଇଯାଇଥିବା ବାଣିଜ୍ୟିକ ଇନ୍ଧନ ଉତ୍ପାଦନ ବେସିନରୁ ସର୍ବୋତ୍କୃଷ୍ଟ ମାନର ଅଶୋଧିତ ତୈଳ ଉତ୍ପାଦନ କରାଯିବ । ଏହି ଅଶୋଧିତ ତୈଳକୁ ହଳଦିଆ ରିଫାଇନାରୀକୁ ନିଆଯିବ ।

ଶ୍ରୀ ପ୍ରଧାନ କହିଛନ୍ତି

(ସପ୍ତମ ପୃଷ୍ଠା ଦେଖନ୍ତୁ)

## ବିଜ୍ଞାନ ଓ ଆତ୍ମନିର୍ଭର ଭାରତ ଶୀର୍ଷକ ୱେବିନାର ଅନୁଷ୍ଠିତ

ଭୁବନେଶ୍ୱର, (ପିଆଇବି) : ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି), ଭୁବନେଶ୍ୱର ପକ୍ଷରୁ ବିଜ୍ଞାନ ଓ ଆତ୍ମନିର୍ଭର ଭାରତ ଶୀର୍ଷକ ଏକ ୱେବିନାର ୧୯ ତାରିଖ ଦିନ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ୨୨ରୁ ୨୫ ତାରିଖ ମଧ୍ୟରେ ନୂଆଦିଲ୍ଲୀଠାରେ ଭର୍ଚୁଆଲ ମୋଡରେ ହେବାକୁ ଥିବା ଭାରତ ଆନ୍ତର୍ଜାତିକ ବିଜ୍ଞାନ ମହୋତ୍ସବ (ଆଇଆଇଏସଏଫ) ୨୦୨୦ର ଅବ୍ୟବହିତ ପୂର୍ବରୁ ଏହି ୱେବିନାର ଆୟୋଜିତ ହୋଇଛି । ଆତ୍ମନିର୍ଭର ଭାରତ ଗଠନରେ ବିଜ୍ଞାନ ଓ ବୈଜ୍ଞାନିକଙ୍କ ଭୂମିକା ଅନସ୍ୱୀକାର୍ଯ୍ୟ ବୋଲି ବକ୍ତାମାନେ ମତବ୍ୟକ୍ତ କରିଛନ୍ତି ।







ଏଥିରେ ଯୋଗ ଦେଇ ଭୁବନେଶ୍ୱର ସ୍ଥିତ ବିଜ୍ଞାନ ଓ ଶିଳ୍ପ ଗବେଷଣା ପରିଷଦ (ସିଏସଆଇଆର) - ଆଇଏମଏମଟିର ନିର୍ଦ୍ଦେଶକ ସୁଧାସତ୍ୱ ବସୁ ଆତ୍ମନିର୍ଭର ଭାରତ ଗଠନ ପାଇଁ ଖଣିଜ ପଦାର୍ଥ ଉପଯୋଗର ବୈଷୟିକ ଉନ୍ନତି ହେବା ଆବଶ୍ୟକ ବୋଲି କହିଛନ୍ତି । ଖଣିଜ ପଦାର୍ଥରୁ ଉତ୍ପାଦିତ ସାମଗ୍ରୀ ଦେଶର ଭିତିଭୂମି ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । ମାତ୍ର ଏଥିପାଇଁ ଆମଦାନୀ ଉପରେ ନିର୍ଭରଶୀଳ ନହୋଇ ଆତ୍ମନିର୍ଭରଶୀଳ ହୋଇ ଧାର୍ଯ୍ୟ ଲକ୍ଷ ପୂରଣ କରିବା ଆବଶ୍ୟକ । ଏହାଛଡା ଖଣିଜ ପଦାର୍ଥରୁ ସଂଗୃହୀତ କଂଚାମାଲ ପର୍ଯ୍ୟାପ୍ତ ଉପଲବ୍ଧ ହେଲେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପର ଅଭିବୃଦ୍ଧି ସହ ପର୍ଯ୍ୟାପ୍ତ ନିଯୁକ୍ତି ସୁଯୋଗ ମଧ୍ୟ ସୃଷ୍ଟି ହେବ ବୋଲିସେ କହିଥିଲେ ।

ଏଥିରେ ଯୋଗଦେଇ ଓଡିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ସୁରେନ୍ଦ୍ର ନାଥ ପଶୁପାଳକ କହିଛନ୍ତି ଯେ, ଧାନ ଓ ଗହମ କ୍ଷେତ୍ରରେ ଆମ ଦେଶ ଆତ୍ମନିର୍ଭରଶୀଳ ହୋଇଥିଲେ ମଧ୍ୟ ଏହାର ଗୁଣାତ୍ମକ ବିକାଶ ହେଲେ ଆମେ ନିଜର ଗୁଜୁରାଣ ମେଂଟାଇବା ସହ ବଳକା ଶସ୍ୟ ବାହାରକୁ ରପ୍ତାନୀ କରିପାରିବା । ଡାଲି ଓ ତୈଳବୀଜ ଜାତୀୟ ଶସ୍ୟ ଉତ୍ପାଦନ ଆମକୁ ବୃଦ୍ଧି କରିବାକୁ ହେବ । ଚାଷୀଙ୍କ ସଚେତନତା ସହ ବୈଜ୍ଞାନିକ ପରାମର୍ଶ ଓ ଉଦ୍ଭାବନ ନୂତନ କୃଷି ଯନ୍ତ୍ରପାତି ଉତ୍ପାଦନ ବୃଦ୍ଧିରେ ବିଶେଷ ସହାୟକ ହେବ । ନିକଟରେ ଘୋଷିତ କେନ୍ଦ୍ର ସରକାରଙ୍କ କୃଷି ନୀତି ଦେଶର କୃଷକଙ୍କ ଆୟକୁ ଦ୍ୱିଗୁଣିତ କରିବା ସହ କୃଷି କ୍ଷେତ୍ରକୁ ଆତ୍ମନିର୍ଭର କରିବାରେ ଯଥେଷ୍ଟ ସହାୟକ ହେବ ବୋଲି ସେ କହିଛନ୍ତି ।

ଏଥିରେ ଅଂଶଗ୍ରହଣ କରି ଭୁବନେଶ୍ୱର ପାଣିପାଗ କେନ୍ଦ୍ରର ପୂର୍ବତନ ନିର୍ଦ୍ଦେଶକ ଡକ୍ଟର ଶରତ ଚନ୍ଦ୍ର ସାହୁ ପାଣିପାଗ ବିଜ୍ଞାନର ଅଗ୍ରଗତି ଯୋଗୁଁ ଆଜି ବିପର୍ଯ୍ୟୟ ପ୍ରଶମନ କ୍ଷେତ୍ରରେ ଅନେକ ସୁଧାର ଆସିଛି ବୋଲି କହିଛନ୍ତି । ସଠିକ ଆକଳନ ଯୋଗୁଁ ବିପର୍ଯ୍ୟୟ କବଳରୁ ଅନେକ ଧନ ଜୀବନ ହାନୀ ରୋକା ଯାଇପାରିଛି ।

ପତ୍ର ସୂଚନା କାର୍ଯ୍ୟାଳୟର ଅତିରିକ୍ତ ମହାନିର୍ଦ୍ଦେଶକ ଓ ଅତିରିକ୍ତ ପ୍ରେସ ରେଜିଷ୍ଟ୍ରାର ଶ୍ରୀ ଶୈଳେଶ କୁମାର ମାଲବ୍ୟ ଏହି ୱେବିନାରରେ ଅଧକ୍ଷତା କରିଥିବା ବେଳେ ଗଣମାଧ୍ୟମ ଯୋଗାଯୋଗ ଅଧିକାରୀ ଡକ୍ଟର ପ୍ରଦୀପ କୁମାର ଚୌଧୁରୀ ୱେବିନାର ପରିଚାଳନା କରିଥିଲେ ।

## ମମତା ବାନାର୍ଜୀଙ୍କ ଗଡ଼ରେ ବିଜେପିର ଦବ୍‌ଦବା : ଶାହାଙ୍କ ରୋଡ ସୋ'

କୋଲକାତା : ମମତା ବାନାର୍ଜୀଙ୍କ ଗଡ଼ରେ ବିଜେପିର ଦବ୍‌ଦବା ବଢ଼ି ବଢ଼ି ଚାଲିଛି । ତୃଣମୂଳ କଂଗ୍ରେସର ବିଧାୟକମାନେ ଧୀରେ ଧୀରେ ବିଜେପି ମୁହାଁ ହେଉଥିବା ବେଳେ ମମତା ସରକାରକୁ ବିଶେଷ ଝଟ୍‌କା ଲାଗିଥିବା ଜଣାପଡ଼ିଛି । ଦୁଇ ଦିନିଆ ପଶ୍ଚିମବଙ୍ଗ ଗସ୍ତରେ ଆସିଥିବା କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ ଦ୍ୱିତୀୟ ଦିନରେ ବିଶାଳ ରୋଡ୍ ସୋ'ର ଆୟୋଜନ କରିଛନ୍ତି । ଆଉ କିଛି ମାସ ପରେ ପଶ୍ଚିମବଙ୍ଗରେ ବିଧାନସଭା ନିର୍ବାଚନ ହେବାକୁ ଥିବା ବେଳେ

(ସପ୍ତମ ପୃଷ୍ଠା ଦେଖନ୍ତୁ)



## ବ୍ଲକ୍ ବିଜେଡ଼ିର ସାମ୍ବାଦିକ ସମ୍ମିଳନୀ : ପ୍ରସ୍ତାବିତ କୃଷି ବିଶ୍ୱବିଦ୍ୟାଳୟ ଦେଓଗାଁରେ ସ୍ଥାପନ ଦାବୀ

ଦେଓଗାଁ, (ନିପ୍ର) : ଦେଓଗାଁ ବ୍ଲକ ବିଜେଡ଼ି ପକ୍ଷରୁ ଶନିବାର ଅପରାହ୍ନରେ ଦେଓଗାଁ ଡ଼ାକ ବଙ୍ଗଳାରେ ଏକ ସମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ବ୍ଲକ ସ୍ତରୀୟ ବିଜେଡ଼ି ନେତାମାନେ ପ୍ରକାଶ କରିଛନ୍ତି ଯେ, କେବିକେ ଅଞ୍ଚଳରେ ଦ୍ୱିତୀୟ କୃଷି ବିଶ୍ୱ ବିଦ୍ୟାଳୟ ସ୍ଥାପନ ହେବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଗରୁ ବିଧାନସଭାରେ ଘୋଷଣା କରିଛନ୍ତି । ଏହି ଘୋଷଣାକୁ ବଲାଙ୍ଗୀର ଜିଲ୍ଲାର ଦେଓଗାଁ, ଗୁଡ଼ଭେଲା ଏବଂ ସଇଁନ୍ତଲା ବ୍ଲକ ଅଞ୍ଚଳର ଚାଷୀମାନେ ସ୍ୱାଗତ ଜଣାଇବା ସହ ପ୍ରସ୍ତାବିତ କୃଷି ବିଶ୍ୱ ବିଦ୍ୟାଳୟ ଦେଓଗାଁ ନିକଟସ୍ଥ ମେଷ ପାଳନ କେନ୍ଦ୍ରରେ ଖୋଲାଯାଉ ବୋଲି ଦୃଢ଼ଦାବୀ ଜଣାଇଛନ୍ତି । ସୁଚନା ଯୋଗ୍ୟ ଯେ, ଦେଓଗାଁ ମେଷ ପାଳନ କେନ୍ଦ୍ରରେ କୃଷି ବିଶ୍ୱ ବିଦ୍ୟାଳୟ ପାଇଁ ଆବଶ୍ୟକ ପଡୁଥିବା ଅନେକ ଭିତ୍ତିଭୂମି ରହିଛି । ତାହା ସହ ଦେଓଗାଁ ଡାକ ବଙ୍ଗଳା ନିକଟରେ କୃଷି ମନ୍ତ୍ରଣାଳୟର ଅଧିନରେ ଥିବା ପଶୁ ସମ୍ପଦ ବିଭାଗ ନାଁରେ ଅଛି ୧୩୮ ଏକର ଜମି । ୧୯୭୨ ମସିହାରେ ସ୍ଥାପନ ହୋଇଥିବା ଏହି ମେଷ ପ୍ରଜନନ କେନ୍ଦ୍ର ଓଡ଼ିଶାରେ ଦ୍ୱିତୀୟ ସ୍ଥାନରେ ଅଛି । ଦେଓଗାଁ ମେଷ ପ୍ରଜନନ କେନ୍ଦ୍ରରେ କୃଷି ବିଶ୍ୱ ବିଦ୍ୟାଳୟ ସ୍ଥାପନ ହେଲେ ସୋନପୁର, କଳାହାଣ୍ଡି, ବୌଦ୍ଧ, ବଲାଙ୍ଗୀର, ନୂଆଁପଡ଼ା, ନବରଙ୍ଗପୁର, କୋରାପୁଟ ଅଞ୍ଚଳର ଚାଷୀ ଓ ଯୁବକମାନେ ଉପକୃତ ହେବେ ବୋଲି ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ବରିଷ୍ଠ ବିଜେଡ଼ି ନେତା ଲକ୍ଷ୍ମଣ ମେହେର କହିଛନ୍ତି । ତାହାସହ ଆହୁରି କହିଛନ୍ତି ଯେ, ଏହି ମେଷ ପାଳନ କେନ୍ଦ୍ର ଦେଇ ବରଗଡ଼- ବୋରିଗୁମ୍ମା ଜାତୀୟ ରାଜପଥ ଗମନା ଗମନ ସୁବିଧା ରହିବା ସହ ଏହାର ପ୍ରାୟ ୩ କିଲୋମିଟର ଦୂରରେ ଦେଓଗାଁ ରେଲଷ୍ଟେସନ ଓ ୫କିଲୋମିଟର ଦୁରରେ ତୁଷୁରା ଉଡ଼ାଜାହାଜ ପଡ଼ିଆ ରହିଛି । ପାନୀୟ ଜଳ ପାଇଁ ନିକଟରେ ସୋନଗଡ଼ ନଦୀ ରହିଛି । ଉଚ୍ଚଶିକ୍ଷା ପାଇଁ ଦେଓଗାଁରେ କଳା, ବିଜ୍ଞାନ ଓ ବାଣିଜ୍ୟର ଡ଼ିଗ୍ରୀ କଲେଜ ମଧ୍ୟ ରହିଛି । ଚିକିତ୍ସା ନିମନ୍ତେ ଦେଓଗାଁରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଏମ୍‌ବିବିଏସ୍ ଛାତ୍ର, ଛାତ୍ରୀମାନଙ୍କ ପାଇଁ ଗ୍ରାମାଞ୍ଚଳ ପ୍ରଶିକ୍ଷଣ କେନ୍ଦ୍ର ରହିଛି । ନିକଟରେ ଥିବା ଦେଓଗାଁ, ତୁଷରା, ସଇଁନ୍ତଲା, ଅର୍ଡା ଓ କନ୍ଧକେଲଗାଁରେ ବାଣିଜ୍ୟ ବ୍ୟବସାୟ ତଥା ସାପ୍ତାହିକ ବଜାରର ସୁବିଧା ରହିଛି । ଶାନ୍ତି ଶୃଙ୍ଖଳା ପାଇଁ ଦେଓଗାଁରେ ପୋଲିସ ଥାନା ରହିଛି । ଗତ ୩ ବର୍ଷ ତଳେ ଏଠାରେ ଚାଷୀମାନଙ୍କର ସୁବିଧା ପାଇଁ ଏକ ବୃହତ ଡ଼ାଏରି 'ାର୍ମ ନିର୍ମାଣ ପାଇଁ ତତ୍‌କାଳୀନ ପଶୁ ସମ୍ପଦ ବିଭାଗର ସଚିବ ବିଷ୍ଣୁପଦ ସେଠୀ କୃଷି ବିଭାଗର ଅନ୍ୟାନ୍ୟ ସମସ୍ତ ଅନୁସଙ୍ଗିକ ବ୍ୟବସ୍ଥା ଏଠାରେ ରହିଛି ଓ ଏହାର ଉନ୍ନତି କରାଯିବାର ପଦକ୍ଷେପ ନିଆଯିବ ବୋଲି ପରିଦର୍ଶନ ସମୟରେ କହିଥିଲେ । ପ୍ରକାଶ ଥାଉକି ଏଠାରେ ଦ୍ୱିତୀୟ କୃଷି ବିଶ୍ୱ ବିଦ୍ୟାଳୟ ସ୍ଥାପନ ହେଲେ କେହି ବିସ୍ଥାପିତ ହେବେ ନାହିଁ କି ଜାଗା ମଧ୍ୟ ଖୋଜିବାକୁ ପଡ଼ିବ ନାହିଁ । ଦେଓଗାଁ ମେଷ ପାଳନ କେନ୍ଦ୍ରରେ ପ୍ରସ୍ତାବିତ ଦ୍ୱିତୀୟ କୃଷି ବିଶ୍ୱ ବିଦ୍ୟାଳୟ ସ୍ଥାପନ କରିବା ପାଇଁ ବ୍ଲକ ବିଜେଡ଼ି ପକ୍ଷରୁ ଦାବୀ ହେଉଛି । ଚଳିତ ମାସ ଶେଷ ସପ୍ତାହରେ ଦଳମତ ନିର୍ବିଶେଷରେ ବଲାଙ୍ଗୀର ଜିଲ୍ଲାର ସମସ୍ତ ବିଧାୟକ ଏବଂ ସାଂସଦ ଭୂବନେଶ୍ୱର ରାଜ୍ୟ କୃଷିମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କୁ ଦାବି ଜଣାଇବାକୁ ଏହି ସାମ୍ବାଦିକ ସମ୍ମୀଳନୀରେ ପ୍ରକାଶ କରିଛନ୍ତି । ଏହି ସମ୍ମିଳନୀରେ ଦେଓଗାଁ ବ୍ଲକ ଅଧ୍ୟାକ୍ଷା ଶ୍ରୀମତୀ ରୀନା ମେହେର, ଜିଲ୍ଲା ପରିଷଦ ସଭ୍ୟ ତଥା ବ୍ଲକ ବିଜେଡ଼ି ସଭାପତି ସୁଶୀଲ ଚାନ୍ଦ, ଯୁବ ବିଜେଡ଼ି ସଭାପତି ଶୈଳେନ୍ଦ୍ର ସାହୁ, ହୃଦାନନ୍ଦ ଗଡ଼ତ୍ୟା ପ୍ରମୁଖ ଉପସ୍ଥିତ ଥିଲେ ।

## ସଂପାଦକୀୟ

# ପଇସା ସର୍ବସ୍ୱ ମଣିଷ

ଆଧୁନିକ ସମାଜ ବହୁଳାଂଶରେ ବସ୍ତୁବାଦୀ ଦୃଷ୍ଟିଭଂଗୀ ଦ୍ୱାରା ପ୍ରଭାବିତ । ବସ୍ତୁବାଦୀ ଜୀବନଚର୍ଯ୍ୟାର ପ୍ରଧାନ ଲକ୍ଷ୍ୟ ହେଉଛି ଯେ ତାହା ଭୋଗସର୍ବସ୍ୱ । ସୁଖପ୍ରାପ୍ତି ହିଁ ଚରମ ଲକ୍ଷ୍ୟ । ସୁଖଭୋଗ ପାଇଁ ବସ୍ତୁଗତ ଉପକରଣ ସଂଗ୍ରହରେ ଚଳନ୍ତି ସମାଜର ଅଧିକାଂଶ ବ୍ୟକ୍ତି ସଦାସର୍ବଦା ବ୍ୟସ୍ତ । ଭୋଗ ପାଇଁ ପ୍ରୟୋଜନ ହେଉଥିବା ବସ୍ତୁସମ୍ଭାର ଅର୍ଥର ବିନିମୟରେ ମିଳିପାରେ । ତେଣୁ ଅର୍ଥାଗମର ବ୍ୟବସ୍ଥା କରିବାରେ ସାଂପ୍ରତିକ ମଣିଷର ଅଧିକାଂଶ ଶକ୍ତି, ସମୟ ଓ ଚିନ୍ତା ନିୟୋଜିତ । ଆଧୁନିକ ମଣିଷର ଜୀବନଚର୍ଯ୍ୟାରେ ଆଜି ଅର୍ଥ ହିଁ ପରମାର୍ଥ, ପଇସା ହିଁ ପରମେଶ୍ୱର ।

ଅର୍ଥ ଆହରଣର ସମସ୍ତ ଉଦ୍ୟମ ଓ ଆୟୋଜନ ସତ୍ତ୍ୱେ ଆଉ ଏକ କଥା ମଧ୍ୟ ସ୍ପଷ୍ଟ ଯେ ବର୍ତ୍ତମାନର ମଣିଷ ଅନୁଭବର ଜଗତରେ ଏକ ଅଭାବବୋଧ ଦ୍ୱାରା ପୀଡ଼ିତ । ହଜାର ବସ୍ତୁସମ୍ଭାର ମଧ୍ୟରେ ବାସ କରି ଓ ଇନ୍ଦ୍ରିୟ ଭୋଗ୍ୟ ସମସ୍ତ ଭୋଗସାମଗ୍ରୀ ହାତ ପାହାନ୍ତାରେ ପାଇ ମଧ୍ୟ ସେ ସତ୍ତାର ଜଗତରେ ଉପବାସୀ ହୋଇ ରହୁଛି । ଆନନ୍ଦର ଅନୁଭବ ଆଜି ବିଡ଼ମ୍ବିତ । ସ୍ୱାଭାବିକ ଆନନ୍ଦପ୍ରାପ୍ତି ପାଇଁ ତା'ର ଅସମର୍ଥତା କୃତ୍ରିମ ଉପାୟର କିଛି ଉଲ୍ଲାସ ସଂଗ୍ରହ କରିନେବାର ଅଭିଯାନରେ ତାକୁ ଗୋଟାପଣେ ପ୍ରମତ୍ତ କରି ରଖୁଛି ।

ବସ୍ତୁ ଜଗତର ସମସ୍ତ ପ୍ରାପ୍ତି ଓ ଉପଭୋଗ ସତ୍ତ୍ୱେ ସତ୍ତାର ଜଗତ ଏମିତି ଶୁଷ୍କ ଓ ବିଡ଼ମ୍ବିତ ରହିଯାଉଥିବାର ମୂଳ କାରଣକୁ ଅନୁଧ୍ୟାନ କରାଯାଉ । ବ୍ୟାପାରଟିର ବାସ୍ତବତା ସ୍ପଷ୍ଟ ସୂଚନା ଦିଏ ଯେ ଆଧୁନିକ ମଣିଷର ବସ୍ତୁ ଆହରଣ ଓ ଅର୍ଥ ଉପାର୍ଜନର ପ୍ରକ୍ରିୟା ମଧ୍ୟରେ କିଛି ମୌଳିକ ତ୍ରୁଟି ବା ବ୍ୟତିକ୍ରମ ରହିଯାଉଛି ।

ମଣିଷ ଦୁଇଟି ଉପାୟରେ ଅର୍ଥ ସଂପଦର ସଂଗ୍ରହ କରିପାରେ । ପ୍ରଥମତଃ ନିଜ ଯୋଗ୍ୟତାର ବିନିଯୋଗ କରି ତା'ର ଅବଦାନ ସ୍ୱରୂପ ସେ ଅର୍ଥ ସଂପଦ ଅର୍ଜନ କରିପାରେ । ଅପରପକ୍ଷେ ଦାମ୍ଭିକ ଓ ଚତୁର କୌଶଳ ପ୍ରୟୋଗ କରି ଛଳେ-ବଳେ-କୌଶଳେ କିଛି ଅର୍ଥ ସମ୍ପଦ ଉପରେ ଆପଣାର ମାଲିକାନା ସାବ୍ୟସ୍ତ କରିପାରେ । ଯେ କୌଣସି ଉପାୟର ଅବଲମ୍ବନରେ ସଂଗୃହୀତ ହୋଇଥିଲେ ମଧ୍ୟ ସଂଗୃହୀତ ଅର୍ଥ ସଂପଦ ଉପରେ ମଣିଷର ମାଲିକାନା ପ୍ରତିଷ୍ଠିତ ହୋଇଥାଏ । ସ୍ଥୁଳଦୃଷ୍ଟିରେ ଏଥିରେ ଥିବା ପାର୍ଥକ୍ୟଟି ଧରାପଡ଼େ ନାହିଁ । ଯେ କୌଣସି ଉପାୟରେ ସଂଗୃହୀତ ହୋଇ କିଛି ଅର୍ଥ ସଂପଦ ଆପଣା ଆୟତ୍ତ ମଧ୍ୟକୁ ଆସିଗଲେ ମଣିଷ ନିଜକୁ ସଂପଦଶାଳୀ ମନେ କରିଥାଏ ଏବଂ ସମାଜ ଦୃଷ୍ଟିରେ ତା'ର ଏହି ଧାରଣା ସ୍ୱୀକୃତି ମଧ୍ୟ ପାଇଥାଏ । ମାତ୍ର ସତ୍ତା ସମ୍ବର୍ଦ୍ଧନାର ପରିପ୍ରେକ୍ଷୀରେ ବିଚାର କରାଗଲେ ଉଭୟ ମଧ୍ୟରେ ଥିବା ମୌଳିକ ପାର୍ଥକ୍ୟଟି ବୁଝା ପଡ଼ିଯାଏ ।

ମଣିଷର ଯୋଗ୍ୟତା କହିଲେ କ'ଣ ବୁଝିବା ? ଯୋଗ୍ୟତା ବିନିମୟରେ ସଂପଦ ଆହରଣ କରିବା କିଭଳି ଭାବରେ ହୋଇଥାଏ ? ମନୁଷ୍ୟତା ହେଉଛି ତା'ର ଅସଲ ଯୋଗ୍ୟତା । ଚେତନଶୀଳତା ମନୁଷ୍ୟତାର ମୂଳ ବିନିୟାଦ । ଅନ୍ତର୍ନିହିତ ଚେତନାର ସକ୍ରିୟ ପରିପ୍ରକାଶ ଘଟେ ଅସ୍ତିତ୍ୱର ପାଳନ, ପୋଷଣ, ସମ୍ଭୋଗର ବାସ୍ତବ ବିନିଯୋଗ ହୋଇଥାଏ ନିଃସ୍ୱାର୍ଥ ସେବାକର୍ମର ଭିତର ଦେଇ । ଅପର ଭାଷାରେ କହିଲେ ନିଃସ୍ୱାର୍ଥ ସେବାପ୍ରାଣତା ହିଁ ମନୁଷ୍ୟ ଜୀବନରେ ଯୋଗ୍ୟତାର ସକ୍ରିୟ ପରିପ୍ରକାଶ ।

ତେବେ ପଇସା ସର୍ବସ୍ୱ ହେବା କେତେଦୂର ସମୟ ସାପେକ୍ଷ, ତାହା ଚିନ୍ତା କରାଯାଇପାରେ ।

# ମା'ଙ୍କ ଶେଷ ଇଚ୍ଛା ପୂରଣ କରିବା ପାଇଁ ଦାନ କଲେ ଏକ କୋଟିର ଘର


ନବରଙ୍ଗପୁର : ମା'ଙ୍କ ଶେଷ ଇଚ୍ଛା ପୂରଣ କରିବାକୁ ଯାଇ ଏକ କୋଟିର ଘରକୁ ଦାନ କରି ଚର୍ଚ୍ଚାରେ ୩ ଝିଅ ବୋଲି ଖବର ମିଳିଛି । ସୂଚନା ଯୋଗ୍ୟ ଯେ, ନବରଙ୍ଗପୁରର ବୈଜୟନ୍ତୀବାଳା ସାହୁଙ୍କ ଚଳିତ ମାସ ୨ ତାରିଖରେ ଦେହାନ୍ତ ହୋଇଥିବା ବେଳେ ତାଙ୍କ ସ୍ୱାମୀ ମଧ୍ୟ ରୋଗାଗ୍ରସ୍ତ ଅବସ୍ଥାରେ ଥିବା ଜଣାପଡ଼ିଛି ।

ତାଙ୍କ ୩ ଝିଅ ମା'ଙ୍କ ଶେଷ ଇଚ୍ଛା ପୂରଣ କରିବାକୁ ଯାଇ ନବରଙ୍ଗପୁର ନୀଳକଣ୍ଠେଶ୍ୱର ମନ୍ଦିରରେ ପାର୍ବତୀ ମନ୍ଦିରକୁ ଦାନ କରିଛନ୍ତି ୨୫ କୋଠା ବିଶିଷ୍ଟ ୩ ମହଲା ଘରକୁ, ଯାହର ଆନୁମାନିକ ମୂଲ୍ୟ ଏକ କୋଟି ହେବ ବୋଲି ଧରାଯାଉଛି । ତେବେ ଏହା ସହ ଗୋଟିଏ ମଙ୍ଗଳ ସୂତ୍ର, ରୂପା ଫରୁଆ, ରୂପାର ବ୍ରତ ଫେଡ଼ି, ରୂପାର ମଥାମଣି ନବରଙ୍ଗପୁର ନୀଳକଣ୍ଠେଶ୍ୱର ମନ୍ଦିରରେ ଥିବା ପାର୍ବତୀ ମନ୍ଦିରକୁ ଦାନ କରିଛନ୍ତି । ତିନି ଝିଅଙ୍କ ନାମ ହେଉଛି ପୁଷ୍ପାଞ୍ଜଳି, ଗୀତାଞ୍ଜଳି ଓ ଶ୍ରଦ୍ଧାଞ୍ଜଳି । ବେଜୟନ୍ତୀବାଳାଙ୍କ ଶେଷ ଇଚ୍ଛା ପୂରଣ କରିବାକୁ ଯାଇ ଗର୍ବର ତିନି ଝିଅ ଏତେ ବିଶାଳ ଘର ଦାନ କରିଥିବା ଆଲୋଚନା ହେଉଛି ।

## ପରଦେଶୀ ସାହିତ୍ୟ

କୋଶଲି ଅନୁସୃଜନ

**ଶଶାଙ୍କ ଶେଖର ପଣ୍ଡା**



ନାଇଜେରିଆର କବିତା

### ରୀତି-ହିଁସା

*ଅଇଗ ହୀଗୋ*

ପଶୁମାନ୍ ମରିଯିବେ
ନଏଦ୍‌ମାନ୍ ଶୁଖିଯିବେ
ଗୋଲ୍ ପଏସାମାନ୍ କୁର୍‌କୁଟି ହେଇଯିବା
ଆଉର୍
ସାମ୍‌ନାଥି ରାବଣ୍ ହୁଦାହୁଦା ।

ପବିତ୍ର ଫଗୁନ୍
ଆଘୋର୍ ଗୁଟେ କାମ୍‌ନାଥି ରକତ୍ ଯେ ମଏଲା !
ଆମର୍ ହାତେ ରୁପ୍‌ଲା ଇ' ବୀଜାର ପଲ୍‌ହା
ଚଟାନ୍‌ଥି ପୁଁଡ଼୍‌ରାଲା
ସାଗୁଆ ପତର୍‌ଥୁ ଏବେ ଦୁଖ୍-ପଝ୍‌ରାନ୍
କଲାକପ୍‌ଟା ପିନ୍ଧା କୁଆଁରୀ-ଦେବୀମାନକର୍
ଆଏଁଖ୍‌ମାନ୍ ଲାଲ୍
ସେମାନ୍‌କର୍ ନିଶାସ୍ ଆର୍ ମେଲା ଚଁଡ଼୍
ଶିକାର ଖୁଜୁଛେ
ମୁଇଁ ତାଁକର୍ 'ବୁଢ୍ଡୁ ନାଚର୍ ଗୀତ୍' ଶୁନ୍‌ସିଁ
ତାଁକର ଛିଡ଼ି ପଡ୍ଡୁଥିବାର ଲୁକ୍‌ସାନର୍ ଦୁଆର୍ ।

ସେ ଇ' ତୀରିଥ୍ ଭୂଇଁର
ନପୁଂସକ୍ ପ୍ରେତ୍‌କେ
ନିଜର୍ ଦୁଖର୍ ଚିନ୍‌ହାଁ ଦେଖେଇ ଚାଲିଛେ ।।

ଜାପାନୀ କବିତା

### ସମୁନ୍ଦର

*ଡାଇଗାକୁ ହୋରିଗୁଚି*

ଆକାଶର୍ ସିଲେଟ୍ ଦିହେ
'ସି-ଗଲ୍' ଚେରେ ଲେଖିଲା
'ଅ...ଆ....ଇ'
ସମୁନ୍ଦର୍‌ଟା ଯେନ୍‌ତା ଗୁଟେ
ଗୋଚର୍ ଘାସର୍ ଭୂଇଁ
ଆରୁ ଲହଡ଼ାମାନ୍ ହୁଦାହୁଦା ମେଢ଼ି ଗୁହୁଡ଼ି ।

ଜାହାଜ୍‌ଟା ଚଲାବୁଲା କର୍‌ସି
ପାଇପ୍ ନୁ କୁହୁଲା ଛାଡ଼ି
ଜାହାଜ୍‌ଟା ଚଲାବୁଲା କର୍‌ସି
ଦେଇ ଗୁଟେ କାଲ୍‌ରଡ଼ି ।।

ଜର୍ମାନ କବିତା

### କୁହୁଲା

*ବର୍‌ଟୋଲ୍‌ଡ୍ ବ୍ରେଖ୍‌ଟ୍*

ଗଛମାନ୍‌କର୍ ବୁରେଇଥି ଛୋଟ ଘର୍‌ଟେ
ଦର୍‌ହୋ ଖଁଡ଼ିଥି ।
ଛାଦେନର୍ ଚିମ୍‌ନିନୁ ବାହାରୁଛେ କୁହୁଲା ।
କୁହୁଲା ନାଇଁ ଥିଲେ
କତେ ବିର୍‌କିଟିଆ ଲାଗ୍‌ତା
ଘର, ଗଛ, ଦର୍‌ହୋ ।।

# ଜନତା ଜନାର୍ଦ୍ଦନ

ଶରଦିନ୍ଦୁ ଭୂଷଣ ହୋତା



ବ୍ୟକ୍ତିଗତ, ସମଷ୍ଟିଗତ, ସରକାରୀ ବା ବେସରକାରୀ ଯେଉଁ କ୍ଷେତ୍ରରେ ଯିଏ ଯାହା ବି କରୁଛି, ତାର କାମ ପଛରେ ଲୋକ ହିତୈଷଣା ଯେ ଅସଲ ଉଦ୍ଦେଶ୍ୟ- ଏକଥା ଅହରହ ଘୋଷଣା କରୁଛି । ଲୋକଙ୍କ ପାଇଁ ଶାସନ ଚାଲିଛି । ଗଣତନ୍ତ୍ର ବୋଲି ଯାହା ଯେମିତି ଚାଲିଛି, ତହିଁରେ କୁଆଡ଼େ ଲୋକଙ୍କୁ ହିଁ ମୂଳ ମାନ୍ୟତା ଦେଇ ସ୍ୱୀକାର କରାଯାଉଛି । ରାଜନୀତି କ୍ଷେତ୍ରରେ ପତିଆରା ରକ୍ଷା ପାଇଁ ନେତାମାନେ ସବାଆଗ ଦଳେ ଦଳେ ଲୋକଙ୍କୁ ହିଁ ନିଜର ସମର୍ଥକ ରୂପେ ସଜାଡ଼ି ରଖୁଛନ୍ତି । ଲୋକ ସମର୍ଥନକୁ ଅକ୍ତିଆର କରିବା ପାଇଁ ନେଇ ଆଣି ଥୋଇ ପାରିବା ବିଦ୍ୟାର ପ୍ରତିଯୋଗିତା ମୂଳକ ହଟଚମଟ ଚାଲିଛି । ସରକାରଗୁଡ଼ିକ ବି ବଡ଼ ହରବରରେ ସମର୍ଥନ ସଂଗ୍ରହ କରୁଛନ୍ତି ଖାସ୍ ଲୋକମାନଙ୍କୁ ଦାନା, କନା, ଶିକ୍ଷା, ସ୍ୱାସ୍ଥ୍ୟ ଓ ନିରାପତ୍ତା ଯୋଗାଇବେ ବୋଲି । ଯୋଜନା ରୂପାୟନ କ୍ଷେତ୍ରର କାରପଟ୍‌ଦାର ହୋଇଥିବା ଅମଲାମାନେ କୁଆଡ଼େ ଅଖିଆ ଅପିଆ ଦଉଡ଼ୁଛନ୍ତି କେବଳ ଲୋକଙ୍କ ଜୀବନ ବୃଦ୍ଧିର ବ୍ୟବସ୍ଥା ପାଇଁ । ସରକାରୀ ବ୍ୟବସ୍ଥା ଲୋକ କଲ୍ୟାଣ ପାଇଁ ଅକଳାନ ହେଲା ବୋଲି ମନେ କରି ବୋଧେ ଏବେ ସରକାରୀ ସଂଗଠନଗୁଡ଼ିକ ମଧ୍ୟ ଲୋକ ଉଦ୍ଧାର ବ୍ରତରେ ବ୍ରତୀ ହେଉଥିବାର ଦେଖିବାକୁ ମିଳୁଛୁ ।

ସବୁ କାରବାର ଯଦି ଲୋକଙ୍କୁ ଧରି, ଲୋକଙ୍କ ପାଇଁ ଏବଂ ଲୋକଙ୍କ ନାଁରେ ଚାଲିଛି, ତେବେ ଲୋକେ ପୁଣି ଏତେ ହତଶିରୀ ଓ ହୀନିମାନ ଅବସ୍ଥାରେ ପଡ଼ୁଛନ୍ତି କାହିଁକି ? କେଉଁଠି ପୁଣି କେଉଁ କଣା ରହିଗଲା ଯେ ଏତେ ଏତେ ଉଦ୍ୟମରେ ବିତରିତ କରୁଣା ଜଳ ଗଳି ଯାଉଛି ? କଥାଟିକୁ ଟିକେ ତଳେଇ ଦେଖିବାର ବେଳ ଆସିଯାଇଛି ।

ଲୋକ ବୋଲି ଆମେ କାହାକୁ ଚିହ୍ନିବା ? ଆମ ଚାରିପାରୁଶରେ ଭେଳା ଭେଳା ହୋଇ ଯେଉଁ ମଣିଷ ମନ୍ଦା ମାନ ଦେଖିବାକୁ ମିଳୁଛି, ସେମାନଙ୍କ ସମଷ୍ଟିକୁ ତାହେଲେ କ'ଣ ଲୋକ ବୋଲି କୁହାଯିବ ? ତାକୁ ସବୁ ଉଠା ପକା କରି ଏ ଥାନ ସେ ଥାନ କରି ସତର ଥାନରେ ଯିଏ ନେଇ ଆଣି ଥୋଇ ପାରୁଛି, ତାକୁ କ'ଣ ତା'ହେଲେ ଲୋକ ପରିଚାଳକ ବା ଲୋକ ନାୟକ ବୋଲି ଜାଣିବା ? ସାଲୁବାଲୁ ମଣିଷ ମନ୍ଦା ଯେତେବେଳେ ଯେଉଁ ପ୍ରଭାବରେ ପଡ଼ି ଯେଉଁଥି ପାଇଁ ରାଜି ହୋଇଗଲା, ତା'କୁ କ'ଣ ଲୋକମତର ମାନ୍ୟତା ଦେବାକୁ ପଡ଼ିବ ? ବିଚାର ବେଭାର ନଥିବ, ଚେତନା ବିବେକ ନଥିବ, ଶ୍ରଦ୍ଧା ସମୀହ ନଥିବ, ସଂକଳ୍ପ ସମର୍ପଣ ନଥିବ, ଟାଣ ପରାକ୍ରମ ନଥିବ, ପ୍ରତିବାଦ ପ୍ରତିରୋଧ ନଥିବ, ପାଳନ ପୋଷଣ ନଥିବ, କେବଳ କେଉଁ ହୁନ୍ଦରିଆର ହୁନ୍ଦର ଫିସାଦରେ ଫଶି ହାଁ କରି ତା' ପଟକୁ ଲହଁପି ଯାଉଥିବା ଅମେରୁଦଣ୍ଡୀ ପ୍ରାଣୀ ସମଷ୍ଟିଙ୍କୁ ତା'ହେଲେ କ'ଣ ଲୋକ ବୋଲି କୁହାଯିବ ?

ଲୋକସତ୍ତାର ଦୁଇଟି ସ୍ତର । ଗୋଟିଏ ପ୍ରଭାବିତ ଏବଂ ଅପରଟି ପ୍ରାମାଣିକ । ମଣିଷ ଆକୃତିରେ ଚଳପ୍ରଚଳ ହେଉଥିବା ପ୍ରାଣୀଟି ବିଭିନ୍ନ ବାହ୍ୟ ପ୍ରଭାବରେ ସ୍ୱଭାବତଃ ପ୍ରଭାବିତ ହେବା ପାଇଁ ବାଧ୍ୟ ହେଉଥାଏ । ତା'ର ନିଜତ୍ୱ ବୋଲି କିଛି ନଥାଏ । ବାହାର ପ୍ରଭାବ ଯେତିକି ଏବଂ ଯେଭଳି, ଏଭଳି ପ୍ରଭାବିତ ପ୍ରାଣୀଟିର ଅବସ୍ଥା ମଧ୍ୟ ସେତିକି ଏବଂ ସେଭଳି ହେବାପାଇଁ ବାଧ୍ୟ । ତା'ର ନିଜତ୍ୱ ବା ନିରପେକ୍ଷତା ବୋଲି କିଛି ନଥାଏ । ସବୁକଥାରେ ବାହାରିଆ ଗୋଟେ ପ୍ରଭାବ ଉପରେ ହିଁ ସେ ସଂପୂର୍ଣ୍ଣ ନିର୍ଭରଶୀଳ । ମାତ୍ର ପ୍ରାମାଣିକ ସ୍ତରକୁ ଉତ୍ତୀର୍ଣ୍ଣ ହେବା ମାତ୍ରକେ ମଣିଷ ବୋଲାଉଥିବା ଏହି ପ୍ରାଣୀଟିର ଆତ୍ମବୋଧ ସର୍ବାଗ୍ରେ ଜାଗ୍ରତ ହୋଇଥାଏ । ଆତ୍ମବୋଧର ମାନଦଣ୍ଡରେ ପରିବେଶ ଏବଂ ପରିସ୍ଥିତିର ସମସ୍ତ ଜିନିଷକୁ ଯଥାଯଥ ଭାବେ ସମୀକ୍ଷା କରିପାରିବାର ଏବଂ ତଦନୁପାତିକ ନିଜ ପାଇଁ ଆବଶ୍ୟକୀୟ କର୍ମପନ୍ଥା ନିର୍ଦ୍ଧାରଣ କରିବାର ଯୋଗ୍ୟତାରେ ସେ ସ୍ୱତଃ ହିଁ ସମାବର୍ତ୍ତିତ ହୋଇଥାଏ । କୌଣସି ବି ପରିସ୍ଥିତିର ବା ପ୍ରଭାବର ଗୋଲାମ ବନିବାର ଅସହାୟତାରୁ ସେ ମୁକ୍ତ ଥାଏ । ଏହି ମୁକ୍ତି ହିଁ ତା'ର ଜୀବନ ବିକାଶର ମୂଳ ପୁଞ୍ଜି ରୂପେ କ୍ରିୟାଶୀଳ ହୋଇପାରେ । ପ୍ରାମାଣିକ ସ୍ତରକୁ ଉତ୍ତୀର୍ଣ୍ଣ ନ ହେବା ପର୍ଯ୍ୟନ୍ତ ଜଣେ ନିଜ ନିଷ୍ପତ୍ତିରେ ଜୀବନ ଜିଇଁବା ସମ୍ଭବ ନୁହେଁ । ସିଏ ଅନୁକ୍ଷଣ ତା' ଜୀବନର ପ୍ରେରଣା ପାଇଁ ବାହାର ଉପରେ ହିଁ ନିର୍ଭରଶୀଳ ରହେ । ମାତ୍ର ପ୍ରାମାଣିକ ସ୍ତରର ମନୁଷ୍ୟ ତା'ର ସମସ୍ତ ଯାହାକିଛି ପ୍ରେରଣା ଆପଣାର ଅନ୍ତଃପ୍ରସ୍ଥରୁ ହିଁ ଗ୍ରହଣ କରିବା ପାଇଁ ସକ୍ଷମ ହୋଇଥାଏ । ସେଇହେତୁ ଆପଣାର ମୁକ୍ତି, ତୃପ୍ତି ଏବଂ ଗତି ପାଇଁ ସେ ଅପର ଉପରେ ନିର୍ଭର କରିବା ପାଇଁ ବାଧ୍ୟ ହୁଏନାହିଁ । ପ୍ରଭାବିତ ସ୍ତରରେ ବନ୍ଦୀ ରହିଥିବା ମଣିଷ ସଦାସର୍ବଦା ଗୋଟିଏ ପରାଙ୍ଗପୃଷ୍ଟ ପ୍ରାଣୀ ରୂପେ ଅସହାୟ ଜୀବନ ବିତାଇବା ପାଇଁ ବାଧ୍ୟ ହେଉଥିବା ସ୍ଥଳେ ପ୍ରାମାଣିକ ସ୍ତରର ମଣିଷ ଆତ୍ମବୋଧରେ ବଳିୟାନ ହୋଇ ସ୍ୱାବଲମ୍ବନଶୀଳ ସମ୍ମାନିତ ଜୀବନର ଅଧିକାରୀ ହୁଏ ।

ପ୍ରାମାଣିକ ସ୍ତରର ମଣିଷମାନେ ହିଁ ଇତିହାସର ଗତିପଥ ନିୟନ୍ତ୍ରଣ କରନ୍ତି । ଯେଉଁମାନେ ବି କାଳବକ୍ଷରେ କିଛି ସୃଜନଶୀଳ ଅବଦାନ ରଖି ଯାଇଛନ୍ତି, ସେମାନେ ସବୁ ସେମାନଙ୍କର ଆତ୍ମବୋଧ ଉତ୍ସାରିତ ପ୍ରେରଣାରେ ହିଁ ପ୍ରେରିତ ହୋଇ ପାରିଛନ୍ତି । ସେମାନେ ହିଁ ଅନେକ ଅରମା ଆଡ଼େଇ ମାନବାତ୍ମାର ସଫଳ ଯାତ୍ରା ପାଇଁ ନୂତନ ପଥ ପରିଷ୍କାର କରି ପାରିଛନ୍ତି । ପ୍ରାମାଣିକ ସ୍ତରର ମଣିଷର ବ୍ୟକ୍ତିତ୍ୱ ହେଉଛି ଗୋଟିଏ ବିଦ୍ରୋହୀ ବ୍ୟକ୍ତିତ୍ୱ । ପ୍ରଚଳିତ ବ୍ୟବସ୍ଥା ଭିତରେ ଯାହାକିଛି ବି ନଷ୍ଟକାରୀ ଉପାଦାନ ଥାଏ, ତାହା ପାଇଁ ବାଧ୍ୟତଃ ରାଜି ହୋଇଯିବାର ଅସହାୟତାରୁ ସେମାନେ ମୁକ୍ତ ଥାଆନ୍ତି । ଅବନତି ମୂଳକ ଅପପ୍ରଚାର ଗୁଡ଼ିକୁ ନା' ବୋଲି କହିବାର ଶକ୍ତି ସାମର୍ଥ୍ୟରେ ସେମାନେ ଭରପୂର ଥାଆନ୍ତି । ନିଜର ବିଚାରରେ ଯାହାକିଛି ସତ୍ୟ ବୋଲି ପ୍ରତିପାଦିତ ହୁଏ, ତା'କୁ ସବୁ ଦ୍ୱନ୍ଦ୍ୱ, ବାଧା, ବିଘ୍ନକୁ ଅତିକ୍ରମ କରି କାର୍ଯ୍ୟକାରୀ କରାଇବାର ଅପରାଜେୟ ସାମର୍ଥ୍ୟରେ ସେମାନେ ସାମର୍ଥ୍ୟବାନ ଥାଆନ୍ତି । ମହାତ୍ମାଗାନ୍ଧୀ, ବିବେକାନନ୍ଦ, ମାର୍କ୍ସ ଇତ୍ୟାଦିଙ୍କ ଜୀବନର ଉଦାହରଣ ଏ ପ୍ରସଙ୍ଗରେ ନିଆ ଯାଇପାରେ । ପ୍ରାମାଣିକ ମଣିଷ ତଥାକଥିତ ଲୋକପ୍ରିୟତା ଉପରେ ନିର୍ଭର କରେ ନାହିଁ । ତା'ର ସମଗ୍ର ଧ୍ୟେୟ ରହିଥାଏ ସତ୍ୟର ଆବିଷ୍କାର ଏବଂ ଉପଲବ୍ଧି ପାଇଁ । ସେଥିପାଇଁ ସଂଗ୍ରାମ ଯେତେ କଠୋର ହେଲେ ମଧ୍ୟ ଏବଂ ବ୍ୟକ୍ତିଗତ ଜୀବନ ଯେତେ ବିପଜ୍ଜନକ ପରିସ୍ଥିତିରେ ପଡ଼ିଲେ ମଧ୍ୟ ସେମାନେ କୌଣସି ଆପାତଃ ଲାଭର ଆଶାରେ ମୂଳ ଉଦ୍ଦେଶ୍ୟରୁ ବିଚ୍ଛିନ୍ନ ହୁଅନ୍ତି ନାହିଁ ।

ସାଂପ୍ରତିକ ସମୟରେ ସବୁକ୍ଷେତ୍ରର ଯାବତୀୟ ଆୟୋଜନ ସତ୍ତ୍ୱେ ମଣିଷକୁ ଗୋଟିଏ ପ୍ରାମାଣିକ ମଣିଷ ରୂପେ ଗଠନ କରାଯିବାର କାର୍ଯ୍ୟକ୍ରମ ରଖାଯାଉନାହିଁ । କ୍ଷମତା ସବୁବେଳେ ଚାହେଁ ପ୍ରଭାବିତ ମଣିଷମାନଙ୍କୁ । ପ୍ରଭାବିତ ମଣିଷ ମାନଙ୍କର ଗହଣରେ କ୍ଷମତାଧାରୀର କ୍ଷମତାଭୋଗ ବେଶ୍ ସୁରକ୍ଷିତ ରହିପାରେ । ତେଣୁ ଇତିହାସର ଏକ ବିଡ଼ମ୍ବନା ଯେ, କ୍ଷମତାରେ ଥିବା ଶାସକମାନେ ପ୍ରାୟତଃ ଲୋକମାନଙ୍କର ଚେତନାଗତ ଜାଗୃତି ପାଇଁ ମୋଟେ ହିଁ ଉଦ୍ୟମଶୀଳ ହୁଅନ୍ତି ନାହିଁ । ମୋଟାମୋଟି ସାଂପ୍ରତିକ ସମୟରେ ଆମ ଦେଶରେ ମଧ୍ୟ ସେଇ ଅବସ୍ଥା ହିଁ ଚାଲିଛି । ଲୋକଙ୍କ କଥା ଯେତେ ଆଡ଼ମ୍ବରରେ କୁହାଗଲେ ମଧ୍ୟ ସେମାନଙ୍କୁ ଗୋଟେ ଜାଗ୍ରତ ପ୍ରେରିତ ଏବଂ ପ୍ରାମାଣିକ ଜନ ସମଷ୍ଟି ରୂପେ ଗଢ଼ି ତୋଳିବାକୁ ଦଳମତ ନିର୍ବିଶେଷରେ କୌଣସି ବି କ୍ଷମତାଧାରୀ ଆଗ୍ରହ ପ୍ରକାଶ କରୁନାହାନ୍ତି । ଫଳରେ ଦେଶର ତମାମ୍ ଜନସମଷ୍ଟି ପ୍ରଭାବ ଆକ୍ରାନ୍ତ ହୋଇ ରହିଯାଉଛି । ଆପଣା ଅନ୍ତରାତ୍ମାର କୌଣସି ବି ଉଚ୍ଚାରଣକୁ ଅକୁତୋଭୟ ଭାବରେ ପ୍ରକାଶ କରିବାର ଅବସର ହିଁ ତା' ପାଖରେ ନାହିଁ । ଗୋଲାମୀର ପରମ୍ପରାରେ ସିଦ୍ଧ ହୋଇ ଏତେବେଳକୁ ତା' ଭିତରେ ପ୍ରତିବାଦର କ୍ଷମତା ମଧ୍ୟ ସଂପୂର୍ଣ୍ଣ ଅନୁପସ୍ଥିତ ହୋଇଯାଇଛି । ଜନ ଅସ୍ତିତ୍ୱ ମଧ୍ୟରେ କୌଣସି ବି ନଷ୍ଟକାରୀ ଜିନିଷକୁ ଅଟକାଇ ରଖିବାର ସାମର୍ଥ୍ୟ ନାହିଁ । ଏଭଳି ଅସମର୍ଥ ଜନସମଷ୍ଟିକୁ ନେଇ ନ୍ୟସ୍ତ ସ୍ୱାର୍ଥ କ୍ଷମତା କେନ୍ଦ୍ରଗୁଡ଼ିକ ଯା' ଇଚ୍ଛା ତା' କରି ନେଇ ପାରୁଛନ୍ତି । ରୋଚକ ଶୈଳୀରେ ଜନମାନସକୁ ବିଭ୍ରାନ୍ତ କରି ରଖି ଅଲକ୍ଷ୍ୟରେ ଆପଣାର ନ୍ୟସ୍ତ ସ୍ୱାର୍ଥକୁ ସେମାନେ ବେଶ୍ ବାଗେଇ ନେଇ ପାରୁଛନ୍ତି । ଫଳରେ ଶହେ କୋଟିରୁ ଊର୍ଦ୍ଧ୍ୱ ଜନସାଧାରଣଙ୍କ ଭିତରେ ମଧ୍ୟ ଆଜି ଆଉ ଭଲମନ୍ଦ ବିଚାର କରିବାର ସୁଯୋଗ ହିଁ ନାହିଁ । ଯାହାକିଛି ବରାଦ କରି ଦିଆଯାଉଛି, ସେଇ ପଟକୁ ଜନସମଷ୍ଟିକୁ ଗୋରୁ ଆଡ଼େଇଲା ଭଳି ଆଡ଼େଇ ନେବା ପାଇଁ ସରକାରଗୁଡ଼ିକ ସକ୍ଷମ ହେଉଛନ୍ତି । ମହାତ୍ମାଗାନ୍ଧୀ ଜାତୀୟ ସଂଗ୍ରାମ ବେଳେ କେବଳ ଦୁର୍ଦ୍ଧର୍ଷ ବ୍ରିଟିଶ ସରକାରକୁ ଘଉଡ଼ାଇବାର କାର୍ଯ୍ୟକ୍ରମ ରଖି ନଥିଲେ, ତା' ସାଥେ ସାଥେ ଭାରତୀୟ ମଣିଷମାନଙ୍କୁ ମଧ୍ୟ ନିଜତ୍ୱ ସଂପନ୍ନ, ଆତ୍ମବୋଧରେ ବଳିଆନ, ସ୍ୱାବଲମ୍ବୀ ଏକ ପ୍ରାମାଣିକ ଜନସମଷ୍ଟି ରୂପେ ଗଠନ କରିବା ପାଇଁ ରଚନାତ୍ମକ କାର୍ଯ୍ୟକ୍ରମଗୁଡ଼ିକୁ ଚଳାଇଥିଲେ ।

ସବୁଥାଇ ଆଜି ଯେତେବେଳେ ଭାରତୀୟ ମଣିଷଙ୍କ ଜୀବନ ବିପନ୍ନ ହେଉଛି, ଆମେ ଏ ପ୍ରଶ୍ନଗୁଡ଼ିକୁ ଗମ୍ଭୀରତାର ସହିତ ଚିନ୍ତା କରିବା ଦରକାର । ନିଜର ଆତ୍ମବୋଧ ସୃଷ୍ଟି ନକଲେ ଆମେ ପ୍ରାମାଣିକ ମନୁଷ୍ୟତାର ଭୂମିକୁ ଉତ୍ତୀର୍ଣ୍ଣ ହୋଇପାରିବା ନାହିଁ । ଯେପର୍ଯ୍ୟନ୍ତ ଆମେ ମଣିଷ ପ୍ରାଣୀ ରୂପେ ଆମର ପ୍ରାମାଣିକ ପରିଚୟ ଦେବା ପାଇଁ ସମର୍ଥ ହେବାନାହିଁ ସେ ପର୍ଯ୍ୟନ୍ତ ବାହାରୁ କେହି ଆସି ଆମମାନଙ୍କୁ ସୁଖ, ଶାନ୍ତି, ଆନନ୍ଦରେ ରଖି ଦେଇ ପାରିବନାହିଁ । ତେଣୁ ଏହି ସଂକଟକାଳୀନ ମୁହୂର୍ତ୍ତରେ ପ୍ରଭାବିତ ଅସ୍ତିତ୍ୱକୁ ଉତ୍ତୋଳିତ କରି ପ୍ରାମାଣିକ ରୂପେ ପୁନର୍ଗଠନ କରିବା ପାଇଁ ପ୍ରତ୍ୟେକ ସ୍ତରରେ ଉଦ୍ୟମ ଆରମ୍ଭ ହେଉ ।

**ଭୁବନେଶ୍ୱର, ମୋ.ନଂ. : ୯୯୩୭୭୪୦୬୭୬**

## କଟ୍‌ନି-ଛଟ୍‌ନି ଜାଲରେ ଚାଷୀ : ପ୍ରଶାସନ ନିଦା ବିଷ୍ଣୁ ସାଜିଛି

ପାଟଣାଗଡ଼, (କେପିଏନ୍‌ଏସ୍) : ପାଟଣାଗଡ଼ ବ୍ଲକ୍ ଅଂଚଳରେ ବିଭିନ୍ନ ମଣ୍ଡିରେ ଧାନ ବିକ୍ରି ହେଉଥିବା ବେଳେ କେତେକ ମଣ୍ଡିରେ ଚାଷୀମାନେ କଟ୍‌ନି-ଛଟ୍‌ନିର ଜାଲରେ ଛନ୍ଦି ହୋଇ ପଡ଼ିଥିବା କୁହାଯାଉଛି । ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି ଯେ, ତମିଆଁ ପ୍ୟାକ୍ସରେ ସିଧାସଳଖ ଚାଷୀମାନଙ୍କଠାରୁ ୪ କେଜି ଲେଖାଏଁ ଖୋଲାମ୍‌ଖୋଲା ଧାନ କଟ୍‌ନି ହେଉଛି । ଚାଷୀ ନିରୁପାୟ । ପ୍ରଶାସନ ନିଦା ବିଷ୍ଣୁ ସାଜିଛି ବୋଲି ସାଧାରଣରେ ଆଲୋଚନା ହେଉଛି ।

## ଆଇନଜୀବୀ ଗୋପୀନାଥ ଅଗ୍ରୱାଲଙ୍କ ପରଲୋକ



ବଲାଙ୍ଗିର, (ନିପ୍ର) : ଆଇନଜୀବୀ ଗୋପୀନାଥ ଅଗ୍ରୱାଲ(୮୨)ଙ୍କ ଗତ ୧୯ ତାରିଖ ଦିନ ପରଲୋକ ହୋଇଯାଇଛି । ଆରଏସଏସ.ର ସକ୍ରିୟ ସଦସ୍ୟ ସ୍ୱର୍ଗତ ଅଗ୍ରୱାଲ ବଲାଙ୍ଗିର ଟେକ୍ସ ବାର୍ ଆସୋସିଏସନରେ ମଧ୍ୟ ଏକଦା ସଭାପତି ଭାବେ ଦାୟିତ୍ୱ ତୁଲାଇଥିଲେ । ବଲାଙ୍ଗିର ସରସ୍ୱତୀ ବିଦ୍ୟା ମନ୍ଦିରରେ ମଧ୍ୟ ସଭାପତି ଦାୟିତ୍ୱ ନିର୍ବାହ କରିଥିଲେ । ସନ୍ତୋଷ କୁମାର କେଜ୍ରିୱାଲଙ୍କ ଶ୍ୱଶୁର ସ୍ୱର୍ଗତ ଅଗ୍ରୱାଲ ଜଣେ ରାଜନୈତିକ ରୁଚି ସଂପନ୍ନ ବ୍ୟକ୍ତି ଭାବେ ଜଣାଶୁଣା ଥିଲେ, ଏପରିକି ସେ ବିଧାନସଭା ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରିଥିଲେ । ୧୯୭୭ ମସିହାରେ ସେ ପ୍ରସନ୍ନ ପାଲଙ୍କ ସହ କଂଟାବାଂଜିରେ ପ୍ରତିଦ୍ୱନ୍ଦିତା କରି ମାତ୍ର ୧୦୨ ଭୋଟରେ ହାରିଥିଲେ । ସମାଜସେବା କ୍ଷେତ୍ରରେ ସେ ଯେଉଁଳି ସୁନାମ ଅର୍ଜନ କରିଥିଲେ, ସେଭଳି ଅନ୍ୟକୁ ଆଦର କରିବା ତଥା ଏକ ନିରାଡ଼ମ୍ବର ଜୀବନ ଜୀଇଁବାରେ ସେ ଥିଲେ ଜଣେ ପ୍ରେରଣାଦାୟୀ ପୁରୁଷ । ତାଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ବଲାଙ୍ଗିର ଜିଲ୍ଲାର ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ଭଗବାନଙ୍କଠାରେ ପ୍ରାର୍ଥନା କରିଛନ୍ତି । ତାଙ୍କ ବିୟୋଗରେ ବଲାଙ୍ଗିର ଜିଲ୍ଲାରେ ଶୋକର ଛାୟା ଖେଳିଯାଇଛି ।

## ଜାତୀୟ କୋଶଲୀ ମହାମେଲନ୍ ଆସନ୍ତା ୨୪ରୁ ୩୦

ଟିଟିଲାଗଡ଼, (ନିପ୍ର) : ଜାତୀୟ କୋଶଲୀ ମହାମେଲନ୍ ଆସନ୍ତା ୨୪ରୁ ୩୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି ଜାତୀୟ କୋଶଲୀ ମହାମେଲନ୍ କମିଟି ପକ୍ଷରୁ କୁହାଯାଇଛି । ତେବେ କୋଭିଡ-୧୯ କଟକଣାକୁ ଦୃଷ୍ଟିରେ ରଖି ଏହି କାର୍ଯ୍ୟକ୍ରମ ଅନ୍‌ଲାଇନ୍ ମାଧ୍ୟମରେ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି । ଏହି ଅବସରରେ କବିତା ପାଠ ତଥା ଆଲୋଚନା ଚକ୍ର ପ୍ରତ୍ୟହ ନିୟମିତ ଭାବରେ ଅନୁଷ୍ଠିତ ହେବ । ତେବେ ଏହି କାର୍ଯ୍ୟକ୍ରମ ଗୁଡ଼ିକରେ ସାମିଲ୍ ହେବା ପାଇଁ କୋଶଲ ଅଂଚଳର କବି, ଲେଖକ, ସାହିତ୍ୟିକମାନଙ୍କୁ କମିଟି ପକ୍ଷରୁ ଆମନ୍ତ୍ରଣ କରାଯାଇଥିବା ବେଳେ କୋଶଲବାସୀଙ୍କ ସହଯୋଗ ହେଲେ କୋଶଲୀ ଭାଷାର ସମୂହ ସମୃଦ୍ଧି ସାଧନ ହୋଇପାରିବ ବୋଲି ଆଶା କରାଯାଇଛି । ଏହି କାର୍ଯ୍ୟକ୍ରମକୁ କୋଶଲୀ ଭାଷା ସାହିତ୍ୟ ସାଧକମାନେ ଖୁବ୍ ପସନ୍ଦ କରିଛନ୍ତି ।

# ସୋନଗଡ ନଦୀରେ ବ୍ୟାରେଜ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ଦେଓଗାଁ ବ୍ଲକ ଅଧ୍ୟକ୍ଷା

ଦେଓଗାଁ, (ନିପ୍ର) : ବଲାଙ୍ଗିର ଜିଲ୍ଲାର ମରୁଡି ପ୍ରପୀଡିତ ଦେଓଗାଁ ବ୍ଲକ ଓ ସଦର ବ୍ଲକର ୩୨୦୦ ଏକର ଜମିକୁ ଜଳସେଚିତ କରିବାକୁ ଥିବା ପ୍ରସ୍ତାବିତ ସୋନଗଡ ବ୍ୟାରେଜ କରାଇବାକୁ ଦାବୀ ହେଉଛି । ଦେଓଗାଁ ବ୍ଲକ ଅଧ୍ୟକ୍ଷା ରୀନା ମେହେର ଏହି ପ୍ରକଳ୍ପ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପତ୍ରଲେଖି ଏହି ଦାବୀ ଜଣାଇଛନ୍ତି । ସେ ଦାବୀ କରିଛନ୍ତି ଯେ, ଦେଓଗାଁ ବ୍ଲକ ଓ ସଦର ବ୍ଲକ ଦେଇ ସୋନଗଡ ନଦୀ ବହିଯାଇଛି । କିନ୍ତୁ ଏହାର ଜଳକୁ ସଠିକ ଉପଯୋଗ କରାଯାଇ ପାରୁନାହିଁ । ଏପଟେ ଏହି ସବୁ ଅଞ୍ଚଳରେ ପ୍ରାୟ ମରୁଡି ହୋଇ ଚାଷୀଙ୍କ ଅର୍ଥିକ ସ୍ଥିତି ଖରାପ ହେଉଛି । ସୋନଗଡ ନଦୀରେ ଅନ୍ତର୍ଲା ଓ ଭୁଟିଆରବାହାଲ ମଝିରେ ଏକ ବ୍ୟାରେଜ ନିର୍ମାଣ କରି ଚାଷୀଙ୍କ ଜମିକୁ ଜଳସେଚିତ କରିବାକୁ ସର୍ଭେ ହୋଇସାରିଛି । କ୍ଷୁଦ୍ରଜଳସେଚନ ବିଭାଗ ଏହାର ଏକ ଡିଟେଲ୍‌ସ ପ୍ରୋଜେକ୍ଟ ରିପୋର୍ଟ ମଧ୍ୟ ପ୍ରସ୍ତୁତ କରି ସରକାରଙ୍କୁ ଦେଇସାରିଛନ୍ତି । ବୈଷୟିକ କମିଟି କ୍ଷେତ୍ର ପରିଦର୍ଶନ କରି ଗତ ୨୭.୮.୨୦୧୯ରେ ଅନୁଷ୍ଠିତ ୯୯ତମ ବୈଷୟିକ ପରାମର୍ଶଦାତା କମିଟି ବୈଠକ(ଟିଏସି)ରେ ଅନୁମୋଦନ କରିଛି । ବଲାଙ୍ଗିର କ୍ଷୁଦ୍ରଜଳସେଚନ ଡିଭିଜନ ପକ୍ଷରୁ ତାଙ୍କ ପତ୍ରସଂଖ୍ୟା-୭୩୫ ତା.୨୮.୨.୨୦୨୦ରେ କେବିକେ ସର୍କଲ ଭବାନୀପାଟଣାର ଅଧିକ୍ଷଣ ଯନ୍ତ୍ରୀଙ୍କୁ ଡିପିଆର ପ୍ରଦାନ କରାଯାଇଛି । ସେହିପରି ଅଧିକ୍ଷଣ ଯନ୍ତ୍ରୀ ତାଙ୍କ ପତ୍ରସଂଖ୍ୟା ୪୩୫ତା.୪.୩.୨୦୨୦ରେ କ୍ଷୁଦ୍ର ଜଳସେଚନ ବିଭାଗର ମୁଖ୍ୟଯନ୍ତ୍ରୀଙ୍କୁ ପଠାଇଛନ୍ତି ।

ସେହି ଡିପିଆରକୁ ମୁଖ୍ୟଯନ୍ତ୍ରୀ ଜଳସେଚନ ବିଭାଗର ଇନଞ୍ଜିନିୟରିଂ ଇନଚିଫଙ୍କୁ ପ୍ରଦାନ କରିସାରିଛନ୍ତି । ଏହି ପ୍ରସ୍ତାବରେ ଉଲ୍ଲେଖ ରହିଛି ଯେ, ସୋନଗଡର ଏହି ପ୍ରକଳ୍ପ ହେଲେ ସଦର ବ୍ଲକର ଭୁଟିଆରବାହାଲ, ନାରାୟଣପୁର,



ନୁନିଆଁଢିପା, କଠୁର୍ଲା ଓ ଦେଓଗାଁ ବ୍ଲକର ଅପାମରା, ସାରସମାଲ, ସିଲେଟକାନୀ, ବଡବନ୍ଧ, ସିକୁଆଁ, କୁତୁର୍ଲା, ପିପିଲପଦର, ଚୋରମରା, କନକପୁର, ଅର୍ଡା, ଗାଇବାହାଲ, ଜୁର୍ଲାକାନୀ, କଛାରପାଲି, ଦେଓଗାଁ, ହାତିସରା ଇତ୍ୟାଦି ଗ୍ରାମର ଚାଷଜମିକୁ ସିଧାସଳଖ ଜଳସେଚନ କରାଯାଇ ପାରିବ । ଏହା ସହିତ ପ୍ରକଳ୍ପର ଉପରମୁଣ୍ଡର ଅନ୍ତର୍ଲା, ଛତାପିପଲ, ସନ୍ଧିଜୋର, ଡଙ୍ଗରପଡା, ବନ୍ଧପଡା, ଟେପରେନ ଇତ୍ୟାଦି ଗ୍ରାମର ଚାଷୀମାନେ ଉଠା ଜଳ ସେଚନ ପଏଂଟ୍ ମାଧ୍ୟମରେ ତାଙ୍କର ଜମିକୁ ମଧ୍ୟ ଜଳସେଚିତ କରିପାରିବେ । ଗତ ୨୧.୧୦.୨୦୨୦ ରେ ଏନେଇ ଦେଓଗାଁ ସମିତି ବୈଠକରେ ସର୍ବ ସମ୍ମତିରେ ଏହି ପ୍ରକଳ୍ପ ପାଇଁ ପ୍ରସ୍ତାବ ମଧ୍ୟ ପାରିତ ହୋଇଛି । ତେଣୁ ମୋଟରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ଏହି ଅଞ୍ଚଳର ପ୍ରାୟ ୪୦୦୦ ହେକ୍ଟର ଜମିକୁ ଜଳସେଚିତ କରିବାକୁ ଥିବା ପ୍ରକଳ୍ପକୁ ପ୍ରାଧାନ୍ୟ ଦେଇ ସୋନଗଡ ନଦୀରେ ବ୍ୟାରେଜ ନିର୍ମାଣ କରାଇବାକୁ ଦେଓଗାଁ ବ୍ଲକ ଅଧ୍ୟକ୍ଷା ଶ୍ରୀମତୀ ରୀନା ମେହେର ମୁଖ୍ୟମନ୍ତ୍ରୀଙ୍କ ପାଖରେ ଦାବୀ କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ଚିଠିର ଏକକିତା ଲେଖାଏଁ ନକଲ ଜଳସଂପଦ ବିଭାଗର ମନ୍ତ୍ରୀ ରଘୁନନ୍ଦନ ଦାସ, ଜଳସଂପଦ ବିଭାଗର ଶାସନସଚିବ, ଇନଞ୍ଜିନିୟରିଂ ଇନଚିଫ, ଭବାନୀପାଟଣା ଅଧୀକ୍ଷଣ ଯନ୍ତ୍ରୀଙ୍କୁ ମଧ୍ୟ ପଠାଇଛନ୍ତି ।

## ବିଧବା ଭତ୍ତା ଅପେକ୍ଷାରେ ୭୦ ବର୍ଷିୟା ବୃଦ୍ଧା ଫୁଲମତୀ ମାଝୀ



ଖପ୍ରାଖୋଲ, (ନିପ୍ର) : ଖପ୍ରାଖୋଲ ବ୍ଲକ ମାଲପଡା ପଂଚାୟତ ମାଲପଡା ଗାଁରେ ରୁହନ୍ତି ୭୦ ବର୍ଷିୟା ବୃଦ୍ଧା ଫୁଲମତୀ ମାଝୀ । ଦେହରେ ବଳ ନାହିଁ, ବାଡି ଧରି ଚଲାବୁଲା କରନ୍ତି । କାନକୁ କୌଣସି କଥା ଶୁଭୁନାହିଁ । ଅତି ଦୟନୀୟ ଅବସ୍ଥାରେ ଜୀବିକା ନିର୍ବାହ କରୁଛନ୍ତି । ସ୍ୱାମୀ ବହୁ ବର୍ଷ ଆଗରୁ ଇହଲୀଳା ତ୍ୟାଗ କରିଛନ୍ତି । ନିଜର ଅଜ୍ଞାନତା ଯୋଗୁଁ ସେ ସ୍ୱାମୀଙ୍କ ମୃତ୍ୟୁ ପ୍ରମାଣପତ୍ର କରି ପାରିନାହାନ୍ତି । ଆଧାର କାର୍ଡରେ ତାଙ୍କର ବୟସ ୭୪ ଭୋଟର କାର୍ଡରେ ୫୮ । ତଥାପି ତାଙ୍କୁ ଏପର୍ଯ୍ୟନ୍ତ କୌଣସି ଭତ୍ତା ମିଳି ପାରିନାହିଁ । ବାରମ୍ବାର ମେମ୍ବର, ସରପଂଚ, ବିଡିଓଙ୍କୁ ଜଣାଇଥିଲେ ମଧ୍ୟ କୌଣସି ପ୍ରକାର ସହାୟତା ଏପର୍ଯ୍ୟନ୍ତ ମିଳି ପାରିନାହିଁ । ସତେ ଯେମିତି ପ୍ରଶାସନ ତାଙ୍କ ପ୍ରତି ଅତି ନିଷ୍ଠୁର ହୋଇଯାଇଛି । ଫୁଲମତୀ ମାଝୀଙ୍କ ପରି ଯୋଗ୍ୟ ହିତାଧିକାରୀଙ୍କୁ ଅଣଦେଖା କରି ଅଯୋଗ୍ୟ ଲୋକଙ୍କୁ ସରକାରୀ ସହାୟତା ମିଳୁଥିବା ବେଳେ ଯୋଗ୍ୟ ହିତାଧିକାରୀଙ୍କୁ ଅଣଦେଖା କରୁଛନ୍ତି । ଏଣୁ ଯଥାଶୀଘ୍ର ଏହି ମା'ଙ୍କ ସମସ୍ୟାର ସମାଧାନ କରିବାକୁ ଗ୍ରାମବାସୀ ଦାବୀ କରିଛନ୍ତି ।

## ଏଥର ହେବନି କୁର୍ଶୁଲାର ପ୍ରସିଦ୍ଧ ମକରମେଳା : ରଥାରୁଢ ହରଗୌରୀଙ୍କୁ ଦେଖି ପାରିବେନି ଭକ୍ତ, କୋଭିଡ ଗାଇଡ୍ ଲାଇନ୍ ଅନୁଯାଇ ହେବ ନୀତିକାନ୍ତି

କଳାହାଣ୍ଡି, (ନିପ୍ର) : ପଶ୍ଚିମ ଓଡିଶାର ଅନ୍ୟତମ ପ୍ରସିଦ୍ଧ ମକରମେଳା କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକର କୁର୍ଶୁଲା ସ୍ଥିତ ନୀଳକଣ୍ଠେଶ୍ୱର ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଥାଏ । ଆଜକୁ ୭୦ ବର୍ଷ ତଳୁ ୧୯୫୧ ମସିହାରୁ ନୀରବଛିନ୍ନ ଭାବେ ଜାନୁୟାରୀ ୧୨ ତାରିଖରୁ ୧୭ ତାରିଖ ଯାଏ ମହାସମାରୋହରେ ଓ ଲକ୍ଷାଧିକ ଭକ୍ତଙ୍କ ସମାଗମରେ ହୋଇ ଆସୁଥିବା ମକରମେଳା କିନ୍ତୁ ଏଥର ହେବନାହିଁ ବୋଲି କମିଟି ନିଷ୍ପତି ନେଇଛି । କରୋନା ମହାମାରୀ ଏଥର ଯାତ୍ରାକୁ ରୋକ୍ ଲଗାଇଥିବାରୁ ଅଂଚଳରେ ନିରୁତ୍ସାହ ଦେଖାଦେଇଛି । ତେବେ କୋଭିଡ ଗାଇଡ୍ ଲାଇନ୍ ଅନୁଯାଇ ସ୍ୱଳ୍ପ ସଂଖ୍ୟକ ସେବକଙ୍କ ଉପସ୍ଥିତିରେ ପରମ୍ପରା ଅନୁଯାଇ ସ୍ୱତନ୍ତ୍ର ନୀତିକାନ୍ତ କରାଯିବ ବୋଲି ଜଣାପଡିଛି । ମକରମେଳା ପରିଚାଳନା କମିଟି ସଭାପତି ଜଗତରାମ ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କମିଟି ବୈଠକରେ ଏଭଳି ନିଷ୍ପତି ନିଆଯାଇଛି । ଏଥିରେ ମକରମେଳା ଆୟୋଜନ ସହ ସଂଶ୍ଳିଷ୍ଟ ଆଖପାଖ ୪୫ ଖଣ୍ଡ ଗ୍ରାମର ପ୍ରତିନିଧି ଉପସ୍ଥିତ ଥିଲେ । କୋଭିଡ କଟକଣା ହେତୁ ମକରମେଳା ଆୟୋଜନ କରାନଯାଇ ନିୟମାନୁଯାୟୀ ପୂଜାର୍ଚ୍ଚନା କରାଯିବାକୁ ସଭାରେ ସହମତି ହୋଇଥିଲା । ସଂପାଦକ କଂସାସୁର ଜାନୀ, ପୂଜକ ନେତ୍ରାନନ୍ଦ ବଡମାଳିଙ୍କ ସମେତ କମିଟି କର୍ମକର୍ତା ଉପସ୍ଥିତ ଥିଲେ ।

## ଗୋଲାବନ୍ଧ ଗାଁରେ ରୋଜଗାର ଦିବସ ପାଳିତ

ବଙ୍ଗୋମୁଣ୍ଡା, (ନିପ୍ର) : ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ ଠେମରା ପଂଚାୟତ ଗୋଲାବନ୍ଧ ଗ୍ରାମ ର ଦୋଣ୍ଡିବନ୍ଧ ନାମକ ଏକ ପୋଖରୀ ପରିସର ରେ ଜାତୀୟ ମହାତ୍ମା ଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ର ରୋଜଗାର ଦିବସ ପାଳିତ ହୋଇଯାଇଛି । ଏହି ଅବସର ରେ ଆୟୋଜିତ ରୋଜଗାର ରେ ଜିଲ୍ଲା ସମୀକ୍ଷକ ଓ ରୋଜଗାର ଦିବସ ନୋଡାଲ ଅଫିସର ବର୍ଷା ହରପାଲ,ସହକାରୀ ଯନ୍ତ୍ରୀ ଟନକିଶୋର ନାଏକ,କନିଷ୍ଠ ଯନ୍ତ୍ରୀ ଜୟନାରାୟଣ ବାଘ୍,ବଙ୍ଗୋମୁଣ୍ଡା ବ୍ଲକ ସାମାଜିକ ସମୀକ୍ଷକ ଶୁଶିଲ କୁମାର ପୋଡ, ଠେମରା ପଂଚାୟତ ସରପଂଚ ଲିଲାବତୀ ବାଗ, ଠେମରା ପଂଚାୟତ ର ଗ୍ରାମ ରୋଜଗାର ସେବକ ଡମ୍ବରୁଧର ତାଣ୍ଡି, ସମାଜକର୍ମୀ ଲକ୍ଷ୍ମୀକାନ୍ତ ବାଗ ଉପସ୍ଥିତ ରହି ଦାଦନ ପ୍ରବଣ ବଙ୍ଗୋମୁଣ୍ଡା ବ୍ଲକରେ ବାହାର ରାଜ୍ୟ କୁ ଦାଦନ ଖଟିବାକୁ ଯାଉଥିବା ଶ୍ରମିକ ମାନଙ୍କୁ କିପରି ଭାବରେ ନିଜ ଗ୍ରାମ ଗୁଡିକ ରେ ଚାଲିଥିବା ନରେଗା ଯୋଜନା ରେ ୨୦୦ ଦିନ ର କାର୍ଯ୍ୟ ଦେବା ସହିତ ସେମାନଙ୍କ ର ଜୀବନ ଜିବୀକା ବୃଦ୍ଧି କରାଯିବ ଏବଂ ଅଧିକ ରୁ ଅଧିକ ଶ୍ରମିକ କିପରି ଭାବରେ ନିୟୋଜିତ ସେ ବିଷୟ ରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା । ଶ୍ରମିକ ମାନଙ୍କ ଠାରୁ କାର୍ଯ୍ୟ ଆବେଦନ ପତ୍ର ମାନ ଗ୍ରହଣ କରିବା ସହ ଶ୍ରମିକ ଙ୍କୁ ବିଭିନ୍ନ ପ୍ରକଳ୍ପ କାମ ରେ ନିୟୋଜିତ କରାଯାଇଥିଲା ।

ଏଥିରେ କମ୍ୟୁନିଟି ମୋବିଲାଇଜର ରିଙ୍କୁ ସାହୁ,ଗାଁ ସାଥୀ କ୍ଷୀରସିନ୍ଧୁ ନାଗ,ବିଶ୍ୱନାଥ ଗହିର ପ୍ରମୁଖ ସହଯୋଗ କରିଥିଲେ ।

## ଓଡିଶା ମିଲେଟ ମିଶନ ଆନୁକୂଲ୍ୟରେ ମୁଣ୍ଡମହୁଲ ଗ୍ରାମରେ ଖାଦ୍ୟ ଉତ୍ସବ ଉଦ୍‌ଘାଟିତ

ବରଗଡ଼, (ନିପ୍ର) : ଓଡିଶା ମିଲେଟ ମିଶନ ବିଜେପୁର ଆନୁକୂଲ୍ୟରେ ତାଲପଦର ପଂଚ୍ଚାୟତ ଅନ୍ତର୍ଗତ ମୁଣ୍ଡମହୁଲ ଗ୍ରାମରେ ଦୁଇ ଦିନିଆଁ ମାଣ୍ଡିଆ ଉପରେ ଖାଦ୍ୟ ଉତ୍ସବ ଉଦଘାଟିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ କୁ କୃଷି ବିଭାଗର ଭିଏଡବ୍ଲ୍ୟୁ ସନ୍ୟାସୀ ସେଠ୍ ଉଦଘାଟନ କରି ମାଣ୍ଡିଆ ଚାଷ ବିଷୟରେ ଆଲୋଚନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସୁବୋଧ ସାହୁ ପ୍ରୋଜେକ୍ଟ କୋଡିନେଟର ଇଶକ୍ତି ପ୍ରକଳ୍ପ, ରବି ରଣା, ଗୌର ରଣା ଓଡିଶା ମିଲେଟ ମିଶନ ଯୋଗଦାନ କରିଥିଲେ । ସାମ୍ପ୍ରତିକ ପରିସ୍ଥିତିରେ ଅନ୍ନପୂର୍ଣ୍ଣା ସ୍ୱୟଂ ସହାୟକ ଗୋଷ୍ଠୀ ମୁଣ୍ଡମହୁଲ ଗ୍ରାମ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ପ୍ରକାର ଖାଦ୍ୟ ଶ୍ରୀ ସେଠଙ୍କ ଦ୍ୱାରା ଦିଆଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଭୋଳାନାଥ ପଧାନ ଓ ମହାଦେବ ସାହୁ ସହଯୋଗ କରିଥିଲେ । ସାମ୍ପ୍ରତିକ କରୋନାକୁ ନେଇ ସମସ୍ତେ ସାମାଜିକ ଦୂରତା ତଥା ମାସ୍କ ପିନ୍ଧି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନେ ଖାଦ୍ୟ ପ୍ରସ୍ତୁତ କରିଥିଲେ । କାର୍ଯ୍ୟକ୍ରମକୁ ରବି ରଣା ପରିଚାଳନା କରିଥିଲେ । ପରିଶେଷରେ ଗ୍ରାମର କୁନି କୁନି ପିଲାଙ୍କୁ ମାଣ୍ଡିଆରେ ତିଆରି ଖାଦ୍ୟ ମାଗଣାରେ ଦିଆଯାଇଥିଲା ।

## ଉଦ୍‌ଯାପିତ ହେଲା ତୃତୀୟ ନକ୍ ଆଉଟ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ

କେସିଙ୍ଗା, (ନିପ୍ର) : କେସିଙ୍ଗା ବ୍ଲକର ବନ୍ଦପଡା ଠାରେ ଚାଲିଥିବା ତୃତୀୟ ନକ୍ ଆଉଟ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି ।

ଏଥିରେ ୧୨ ଟି ଦଳ ଅଂଶଗ୍ରହଣ କରିଥିବା ବେଳେ ଫାଇନାଲ ମ୍ୟାଚ୍ ତୁଲାପଡା ଓ ଚିଚର୍ଲା ମଧ୍ୟରେ ଅନୁଷ୍ଠିତ ହୋଇଥିଲା ଓ ୧-୦ ଗୋଲରେ ଚିଚର୍ଲା ବିଜୟ ହାସଲ କରିଥିଲା । ଫାଇନାଲ ମ୍ୟାଚରେ ମୁଖ୍ୟ ଅତିଥି ଭାବରେ ଯୁବ ସଂଗଠକ ତଥା ବରିଷ୍ଠ ନେତା ବିଜେଡି ଚିତ୍ତରଞ୍ଜନ ମଣ୍ଡଳ(ବାବୁଲି), ସମ୍ମାନିତ ଅତିଥି ଭାବେ ନର୍ଲା ପଂଚାୟତ ସମିତି ଉପାଧ୍ୟକ୍ଷ ଦୁର୍ଗା ପ୍ରସାଦ ମହାନ୍ତି (ମୁନା), ଅନ୍ୟତମ ଅତିଥି ଭାବରେ ଇଣ୍ଡିଆନ୍ ବ୍ୟାଙ୍କ ମ୍ୟାନେଜର ସୁଧୀର ମାଝୀ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ସଭାପତି ଆଶୋକ ହରପାଲ, ଟିକେରାମ ସାହୁ, ଦୁଇ କମେଂଟ୍ରିଟର ସ୍ୱରାଜ କୁମାର ଭୋଇ, ମିଳନ କୁମାର ସାହୁ, ହେମରାଜ ନାଗ, ସିଦ୍ଧିଲାଲ ସାହୁ, ଚକ୍ର ନାଗ, ସୁଧିର, ଜିତେନ, ଜଗଦିଶ, ମଣ୍ଟୁ, ମିଟୁ, ଡିଜନ, କେତନ, ଭିକୁ, ସୁଧୀର ଅନ୍ୟ ସଦସ୍ୟମାନେ ସହଯୋଗ କରିଥିଲେ ।

# ବେଲପଡା ୨୬ ନଂ. ଜୋନ୍ କୋଶଳ ସମର୍ଥିତ ପ୍ରାର୍ଥୀ ଗୁଣନିଧି ବର୍ଗେ ଓ କୋଶଳ ଯୁବନେତା ବନମାଳି ନାଏକଙ୍କ ଉପରେ ହୋଇଥିବା ଆକ୍ରମଣକୁ କୋଶଳ ରାଜ୍ୟ ସମନ୍ୱୟ ସମିତିର ନିନ୍ଦା

ବଲାଙ୍ଗିର, (ନିପ୍ର) : ବେଲପଡା ପଂଚାୟତ ସମିତି ୨୬ ନଂ. ଜୋନରେ ଜିଲ୍ଲା ପରିଷଦ ସଦସ୍ୟତା ପାଇଁ ଉପନିର୍ବାଚନ ଚାଲିଥିବା ବେଳେ କୋଶଳ ସମର୍ଥିତ ପ୍ରାର୍ଥୀ ଗୁଣନିଧି ବର୍ଗେ ଓ କୋଶଳ ଯୁବ ନେତା ବନମାଳି ନାଏକଙ୍କ ଉପରେ ହୋଇଥିବା ଆକ୍ରମଣକୁ କୋଶଳ ରାଜ୍ୟ ସମନ୍ୱୟ ସମିତି ଦୃଢ଼ ନିନ୍ଦା କରିଛି । ସମିତି ପକ୍ଷରୁ କୁହାଯାଇଛି ଯେ, ଏହି ନିର୍ବାଚନରେ ବିଜେଡି, ବିଜେପି, କଂଗ୍ରେସର ପ୍ରାର୍ଥୀ ଛିଡା ହୋଇଥିବା ବେଳେ ପ୍ରଥମ ଥର ପାଇଁ କୋଶଳ ଆନ୍ଦୋଳନ ସମର୍ଥକ ତଥା କୋଶଳ ରାଜ୍ୟ ସମନ୍ୱୟ ସମିତିର ସଂଗ୍ରାମୀ ଆଦିବାସୀ ନେତା ଗୁଣନିଧି ବର୍ଗେ ମଧ ସ୍ୱାଧୀନ ପ୍ରାର୍ଥୀ ରୂପେ ନିଶାନ୍ ଚିହ୍ନରେ ନିର୍ବାଚନ ଲଢୁଛନ୍ତି । ଦଳୀୟ ପ୍ରାର୍ଥୀମାନେ ଠିକାପକାକୁ ନଜର କରି ଲଢୁଥିବା ବେଳେ କୋଶଳ ଆନ୍ଦୋଳନ ସମର୍ଥିତ ପ୍ରାର୍ଥୀ ଗୁଣନିଧି ବର୍ଗେ ଜିଲ୍ଲା ପରିଷଦ ଅଂଚଳର ବିକାଶ ଓ ସମ୍ବିଧାନର ଧାରା ୩ ଅନୁଯାୟୀ ସ୍ୱତନ୍ତ୍ର କୋଶଳ ପ୍ରଦେଶ ଗଠନର ଦାବୀ ନେଇ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରୁଛନ୍ତି । ବିଗତ ୨୩ ବର୍ଷ ହେଲା କୋଶଳ ଆନ୍ଦୋଳନ ଯେଉଁଭଳି ଭାବରେ ସ୍ୱତନ୍ତ୍ର କୋଶଳ ପ୍ରଦେଶ ଦାବୀ ସଙ୍ଗେ ବିଭିନ୍ନ ଜନ ଦାବୀ ନେଇ ଲଢେଇ କରୁଛି ଓ ବିଶେଷ କରି ବିଗତ ୫ ବର୍ଷରେ କୋଶଳ ରାଜ୍ୟ ସମନ୍ୱୟ ସମିତିର ବେଲପଡା ଶାଖାର ସାଥୀମାନେ ବେଲପଡା ଅଂଚଳର ଚାଷୀ, ଦାଦନ ଶ୍ରମିକ ଆଉ ଖଟିଖିଆମାନଙ୍କ ଦାବୀ ନେଇ ପ୍ରବଳ ସଂଘର୍ଷ କରି ଆସିଛନ୍ତି, ଏହା ଛଡା ବିଭିନ୍ନ ସମୟରେ ଦୁର୍ନିତି ବିରୁଦ୍ଧରେ ବ୍ୟାପକ ଜନ ଆନ୍ଦୋଳନ କରି କୋଶଳ ଅନ୍ଦୋଳନ ସଂପୃକ୍ତ ଅଂଚଳର ଲୋକପ୍ରିୟତା ହାସଲ କରିଛି, ତାହା ନିଶ୍ଚୟ ପ୍ରଶଂସନୀୟ । ତେଣୁ ଆନ୍ଦୋଳନ ପ୍ରତି ଜନ ସମର୍ଥନର ଗଭୀରତାକୁ ପରୀକ୍ଷା କରିବା ପାଇଁ ଏହି ନିର୍ବାଚନରେ କୋଶଳ ଆନ୍ଦୋଳନ ତରଫରୁ ବିଶିଷ୍ଟ ଆଦିବାସୀ ସଂଗଠକ ଗୁଣନିଧି ବର୍ଗେଙ୍କୁ ପ୍ରାର୍ଥୀ କରାଯାଇଛି । ନିର୍ବାଚନ ପ୍ରଚାର ମଇଦାନରେ ଗୁଣନିଧି ବର୍ଗେଙ୍କ ଲୋକପ୍ରିୟତାରେ ଈର୍ଷାନ୍ୱିତ ହୋଇ ଗତ କାଲି ରାତିରେ ଶାସକ ଦଳ ଦ୍ୱାରା ପ୍ରଯୋଜିତ କିଛି ଗୁଣ୍ଡା ଗୁଣନିଧି ବର୍ଗେ ଓ କୋଶଳ ଯୁବ ସମନ୍ୱୟ ସମିତିର ବନମାଳି ନାଏକଙ୍କୁ ମରଣାତ୍ମକ ଆକ୍ରମଣ କରିଛନ୍ତି । ଗତକାଲି ରାତିରୁ ଏତାଲା ଦିଆଯାଇଥିଲେ ସୁଦ୍ଧା ପୋଲିସ ପ୍ରଶାସନ ତରଫରୁ ବର୍ତ୍ତମାନ ଯାଏ କାହାକୁ ଗିରଫ କରାଯାଇ ନାହିଁ । ଗୁଣନିଧି ବର୍ଗେ ଓ ବନମାଳି ନାଏକଙ୍କ ଉପରେ ହୋଇଥିବା ଆକ୍ରମଣ ଶାସକ ଦଳର ହତାଶାର ପ୍ରତୀକ ଅଟେ । ବର୍ତ୍ତମାନର ଶାସକ ଦଳ ଉପକୂଳ ଓଡିଶାର ଏକ ଆଂଚଳିକ ଦଳ ହୋଇଥିବାରୁ ବିଭିନ୍ନ ସମୟରେ କୋଶଳ ଆନ୍ଦୋଳନକୁ କ୍ଷତି କଲା ଭଳିଆ ପଦକ୍ଷେପ ନେଉଛି । ଅତୀତରେ ରାଜ୍ୟର ସବୁତକ ବିକାଶ ଉପକୂଳ ଓଡିଶାରେ କରିସାରିଲା ପରେ ବନ୍ଦେ ଉତ୍କଳ ଜନନୀକୁ ରାଜ୍ୟ ସଙ୍ଗୀତର ମର୍ଯ୍ୟାଦା ନେଇ ଜବରଦସ୍ତି କୋଶଳ ଉପରେ ଲଦି ଦେଇଛି । ତେଣୁ କୋଶଳ ଆନ୍ଦୋଳନ ସମର୍ଥିତ ପ୍ରାର୍ଥୀଙ୍କ ଲୋକପ୍ରିୟତାରେ ଈର୍ଷାନ୍ୱିତ ହୋଇ ଉପକୂଳ ଓଡିଶା ଦ୍ୱାରା ପ୍ରଯୋଜିତ ଶାସକ ଦଳର ଏଭଳି ଆକ୍ରମଣ ସେମାନଙ୍କ ଅପରାଧୀ ମନୋଭାବକୁ ପ୍ରତିଫଳିତ କରୁଛି । ସେମାନଙ୍କ ଏତାଦୃଶ ଆକ୍ରମଣକୁ କୋଶଳ ରାଜ୍ୟ ସମନ୍ୱୟ ସମିତି ତରଫରୁ ଗଣତାନ୍ତ୍ରିକ ଭାବରେ ଉଚିତ୍ ଜବାବ୍ ଦିଆଯିବ ବୋଲି କୋଶଳ ରାଜ୍ୟ ସମନ୍ୱୟ ସମିତିର କେନ୍ଦ୍ରୀୟ ଅଧ୍ୟକ୍ଷ ପ୍ରମୋଦ କୁମାର ମିଶ୍ର ଚେତାବନୀ ଦେଇଛନ୍ତି । ବିନା ପଇସାରେ କୋଶଳ ପ୍ରାର୍ଥୀ ନିର୍ବାଚନ ଲଢୁଥିବା ବେଳେ ରାଜନୈତିକ ଦଳମାନେ ବିଶେଷ କରି ଶାସକ ଦଳ ତରଫରୁ ମଦ, ମାଂସ ଓ ଟଙ୍କାର ବନ୍ୟା କରାଯାଉଛି । ତେଣୁ କୋଶଳ ସଂଗ୍ରାମୀମାନେ ଏଭଳି ଆକ୍ରମଣରେ ନିରୁତ୍ସାହିତ ନ ହୋଇ ବହୁ ଗୁଣରେ କ୍ରିୟାଶୀଳ ହେବାକୁ ଓ ଜନ ସାଧାରଣ ଏଭଳି ଗୁଣ୍ଡାମୀକୁ ସମୁଚିତ ଜବାବ୍ ଦିଅନ୍ତୁ ବୋଲି ଶ୍ରୀ ମିଶ୍ର ଆହ୍ୱାନ ଦେଇଛନ୍ତି ।

# ପି.ପି. ଏକାଡେମୀର ପ୍ରତିଷ୍ଠାତା ସ୍ୱର୍ଗତ ଚକ୍ରଧର ପଣ୍ଡାଙ୍କ ୧୦୫ତମ ଜୟନ୍ତୀ ପାଳିତ

ବଲାଙ୍ଗିର, (ନିପ୍ର) : ସ୍ଥାନୀୟ ପି.ପି.ଏକାଡେମୀ ପରିସରରେ ପି.ପି. ଏକାଡେମୀର ପ୍ରତିଷ୍ଠାତା ଚକ୍ରଧର ପଣ୍ଡାଙ୍କ ୧୦୫ତମ ଜୟନ୍ତୀ ପାଳିତ ହୋଇଯାଇଛି । ବିଦ୍ୟାଳୟ ରେ ଥିବା ତାଙ୍କ ସମାଧୀ ପୀଠ ଠାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା ଶିକ୍ଷକ ଶିକ୍ଷୟିତ୍ରୀ ତାଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ସ୍ୱର୍ଗତ ପଣ୍ଡାଙ୍କ ସ୍ମୃତିଚାରଣ କରିଥିଲେ । ବଲାଙ୍ଗିର ଜିଲ୍ଲାରେ ଶିକ୍ଷାର ଅଗ୍ରଗତି ପାଇଁ ଅଧିକ ସୁଯୋଗର ସାମର୍ଥ୍ୟ ପ୍ରଦାନର ଅନନ୍ୟ ଉଦ୍‌ଗାତା ଥିଲେ ସ୍ୱର୍ଗତ ଚକ୍ରଧର ପଣ୍ଡା ବୋଲି ପ୍ରଧାନ ଶିକ୍ଷକ ସିନୁ ସୁନ୍ଦର ପାଢୀ ନିଜ ବକ୍ତବ୍ୟରେ କହିଥିଲେ । ସମାଜ ସେବା, ସଙ୍ଗଠକ ଓ ସମାଜର ସଂସ୍କାର ମୂଳକ ଚିନ୍ତାଧାରା ସମ୍ପନ୍ନ ବହୁବିଧ ପ୍ରତିଭାର ଅଧିକାରୀ ଥିଲେ ବୋଲି ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ପ୍ରକାଶ କରିଥିଲେ । ଏହି ସଭାରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ରତ୍ନମାଳା ବେହେରା, ଅଂଶୁପା ଭୋଇ, ସୁରେନ୍ଦ୍ରୀ ସ୍ୱାଇଁ, ଝୁନୁଲତା ସାବତ, ରଞ୍ଜିତା ତ୍ରିପାଠୀ, କେତକି ପଧାନ, ଶିକ୍ଷକ ସୁନିଲ କୁମାର ବେହେରା, ସତ୍ୟଜିତ ବୁଡେକ, କିରାଣୀ ଅକୃର ସାହୁ ତଥା ଅବସରପ୍ରାପ୍ତ ଶିକ୍ଷା କର୍ମଚାରୀ ପ୍ରହଲ୍ଲାଦ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ ।

# ବଲାଙ୍ଗିରରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ

ବଲାଙ୍ଗିର, (ନିପ୍ର) : ବଲାଙ୍ଗିରରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଜଜ୍ ତଥା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ଶ୍ୟାମ ସୁନ୍ଦର ଦାଶ, ଫେମିଲି କୋର୍ଟ ଜଜ୍ ପ୍ରଶାନ୍ତ ନାୟକ, ଭିଜିଲାନ୍ସ ଜଜ୍ ଅଜନ୍ତା ଷଡ଼ଙ୍ଗୀ, ଅତିରିକ୍ତ ଜିଲ୍ଲା ଜଜ୍ (ପ୍ରଥମ) ଦେବାଶିଷ ରାଉତ, ଅତିରିକ୍ତ ଜିଲ୍ଲା ଜଜ୍ (ଦ୍ୱିତୀୟ) ପ୍ରଜ୍ଞାପାରମିତା ରାଉଳ, ମୁଖ୍ୟ ବିଚାର ବିଭାଗୀୟ ଜଜ୍ ଅଭିଳାଷ ସେନାପତି, ରେଜିଷ୍ଟ୍ରାର, ସିଭିଲ କୋର୍ଟ ଅମିତ କୁମାର ବାରି, ସିଭିଲ ଜଜ୍ (ବରିଷ୍ଠ) ସସ୍ମିତା ନନ୍ଦିନୀ ତ୍ରିପାଠୀ, ଅତିରିକ୍ତ ସିଭିଲ ଜଜ୍ ସୀମା ତ୍ରିପାଠୀ, ଏସ୍‌ଡିଜେଏମ୍ କୈଳାଶ ସାହୁ, ସିଭିଲ ଜଜ୍ (କନିଷ୍ଠ) ସସ୍ମିତା ସେଠୀ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଜଜ୍ ସୌରଭ ଶର୍ମା ଏବଂ ଅବିନାଶ ନନ୍ଦ, ସ୍ପେଶାଲ ଜିଡ଼ିସିଆଲ ଜଜ୍ ମାଜିଷ୍ଟ୍ରେଟ୍ ରମେଶ ଚନ୍ଦ୍ର ରାୟଗୁରୁ ଉପସ୍ଥିତ ରହିଥିବା ବେଳେ ଏହାକୁ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ଦେବାଶିଷ ଦାଶ ପରିଚାଳନା କରିଥିଲେ । ତେବେ ଏହି ଲୋକ ଅଦାଲତରେ ଦେୱାନୀ ମୋକଦ୍ଦମା ୨୭ଟି ଫଇସଲା ହୋଇ ୫୦ ହଜାର ଟଙ୍କାର ଆପୋଷ ସମାଧାନ ହୋଇଥିଲା । ୧୨ଟି ବ୍ୟାଙ୍କ ମୋକଦ୍ଦମା ଫଇସାଲା ହୋଇ ୩୦ ଲକ୍ଷ ୨୫ ହଜାର ୪୩୩ ଟଙ୍କା ସମାଧାନ ହୋଇଥିଲା ।

୮୧ଟି ଫୌଜଦାରୀ ମୋକଦ୍ଦମା ଫଇସଲା ହୋଇଥିବା ବେଳେ ୩୦ ହଜାର ଟଙ୍କାର ସମାଧାନ ହୋଇଥିଲା । ୧୧ଟି ଏମ୍‌ଏସିଟି ମୋକଦ୍ଦମା ଫଇସଲା ହୋଇ ୭୮,୮୫,୦୦୦ ଅର୍ଥ ରାଶିର ସମାଧାନ ହୋଇଥିବା ବେଳେ ୫ଟି ପାରିବାରିକ ମିଳାମିଶା ମଧ୍ୟ ହୋଇଥିଲା । ୫୯ଟି ପ୍ରାକ୍ ମୋକଦ୍ଦମା ୧୦୦୩୩୬୨ ଟଙ୍କାର ସମାଧାନ ହୋଇଥିବା କୁହାଯାଇଛି । ଜିଲ୍ଲା ଆଇନ ସେବା ପ୍ରାଧିକରଣ କର୍ମଚାରୀ ରଜନୀକାନ୍ତ ରଥ, ସୁବ୍ରତ ନେପାକ, ନିରଂଜନ ନାୟକ, ମନୋଜ ପଣ୍ଡା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ନୂତନ ଲେବେଲ-୫ ଫୁଟ୍‌ବଲ ରେଫରୀ ପରୀକ୍ଷା ଶିବିର ଉଦ୍‌ଯାପିତ : ଭାଗ ନେଲେ ୧୫୮ ପରିକ୍ଷାର୍ଥୀ



ବଲାଙ୍ଗିର, (ନିପ୍ର) : ବଲାଙ୍ଗିରର ଗାନ୍ଧୀ ଷ୍ଟାଡିୟମ ଠାରେ ଗତ ୧୯ ତାରିଖରେ ଉଦ୍‌ଘାଟିତ ଲେବେଲ-୫ ଫୁଟ୍‌ବଲ ରେଫରୀ ପରୀକ୍ଷା ଶିବିର ଆଜି ଉଦ୍‌ଯାପିତ ହୋଇଯାଇଛି । ଫୁଟବଲ ଏସୋସିଏସନ ଓଡିଶା (ଫାଓ) ଏବଂ ଜିଲ୍ଲା କ୍ରୀଡା ସଂସଦ ବଲାଙ୍ଗିରର ମିଳିତ ଆନୁକୁଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ଫାଓ ତଥା ଜିଲ୍ଲା କ୍ରୀଡା ସଂସଦର କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ର ଓ ସଂସଦର ସାଧାରଣ ସମ୍ପାଦକ ହରିନାରାୟଣ ପୁଜାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ତଥା ଓଡିଶା ରେଫରୀ ମୁଖ୍ୟ ଦୁର୍ଗାମାଧବ ନାଏକ, ରେଫରୀ ପ୍ରଶିକ୍ଷକ ସୁଶାନ୍ତ ମହାନ୍ତିଙ୍କ ଦ୍ୱାରା ପରିଚାଳିତ ଏହି ଶିବିରରେ ସହଯୋଗ କରିଥିଲେ ସୁଜିତ ପାତ୍ର, ସୁରେଶ ଦାସ, ଜ୍ୟୋତି ରଂଜନ ସ୍ୱାଇଁ, ଦିଲିପ ରାଉତ, ଶରତ ନନ୍ଦ, ନରସିଂହ ସ୍ୱାମୀ ନାଇଡୁ, ସୁନିଲ ବିଶ୍ୱାଲ ଓ ଦେବାଶିଷ ବାଗ । ଏହି ପରୀକ୍ଷାରେ ଓଡିଶାର ବିଭିନ୍ନ ଜିଲ୍ଲାରୁ ଅଂଶଗ୍ରହଣ କରିଥିବା ୧୩ ଛାତ୍ରୀ ଓ ୧୪୫ ଜଣ ଛାତ୍ରଙ୍କ ଶାରିରୀକ ଦକ୍ଷତା ଓ ଥିଯୋରି ଟେଷ୍ଟ କରାଯାଇଥିଲା । ଏଥିରେ କୃତକାର୍ଯ୍ୟ ଅଂଶ ଗ୍ରହଣକାରୀ ଓଡିଶା ଲେବେଲ-୫ ରେଫରୀ ଭାବରେ ଗୃହୀତ ହେବେ । ସଂସଦର ଉପସଭାପତି କୃଷ୍ଣଚନ୍ଦ୍ର ମିଶ୍ର ଓ ଡ. ପ୍ରହ୍ଲାଦ ଶତପଥୀ, ଯୁଗ୍ମ ସମ୍ପାଦକ ପଦ୍ମ ଚରଣ ଆଚାର୍ଯ୍ୟ ଓ ପ୍ରଭାତ ମିଶ୍ର, ଜିଲ୍ଲା କ୍ରିଡାଅଧିକାରୀ ରାଜେନ୍ଦ୍ର ବଡ଼ାଇ, ଜିଲ୍ଲା ଶାରିରୀକ ଶିକ୍ଷା ନିରିକ୍ଷକ ଜ୍ୟୋତି ପ୍ରକାଶ ପରିଡା ତଥା ସଂସଦର ବରିଷ୍ଠ ସଭ୍ୟ ଓ ପୁର୍ବତନ ଖେଳାଳୀ ବିକ୍ରମାନନ୍ଦ ବହିଦାର, ମଧୁସୁଦନ ବାବୁ, ରମେଶ ଚନ୍ଦ୍ର ପୁରୋହିତ, ଶାନ୍ତନୁ କୁମାର ସାହୁ, ରମାକାନ୍ତ ସେଠ, ପ୍ରଫୁଲ୍ଲ ବେହେରା, ଆନନ୍ଦିନି ଦର୍ଜୀ, କସ୍ତୁରୀ ରଥ, ଭାବଗ୍ରାହୀ ରଥ, ଜୟରାମ ମିଶ୍ର, ଶିଶିର ବହିଦାର, ସୁଧିର ଚନ୍ଦ୍ର ପଣ୍ଡା, ଶତ୍ରୁଘ୍ନ ସିଂ, ପ୍ରଦ୍ୟୁମ୍ନ ମିଶ୍ର, ପ୍ରଦୀପ ବିଶ୍ୱାଳ, ରବୀନ୍ଦ୍ର ମିଶ୍ର, ଗୌର ପ୍ରଧାନ, ବିଭୁତି ପଣ୍ଡା, ଡ. ସିଦ୍ଧେଶ୍ୱର ମିଶ୍ର, ହେମନ୍ତ ବେହେରା, ନିଶାରକାନ୍ତ ନାଗ, ଦିଲିପ ବେହେରା, ସୁନ୍ଦର ମଣି ଦଣ୍ଡସେନା, ବଟୁ ସିଂ, ସଂଗ୍ରାମ ବହିଦାର, ସୁଧାଂଶୁ ସେଠ୍, ଚେତନାନନ୍ଦ ପଣ୍ଡା, ନରେଶ ଅଗ୍ରୱାଲ ପ୍ରମୁଖଙ୍କ ଉପସ୍ଥିତ ଥିଲେ ।

# ୧୭ତମ ଜାତୀୟ ନାଟକ ମହୋତ୍ସବ କ୍ୟାନଫେଷ୍ଟ-୨୦୨୦ ଉଦ୍‌ଘାଟିତ

ପାରାଦୀପ, (ନିପ୍ର) : ପାରାଦୀପ ମଧୁବନସ୍ଥିତ ସାଗରିକା କଳା ନିକେତନ ଠାରେ ୧୭ତମ ଜାତୀୟ ନାଟକ ମହୋତ୍ସବ କ୍ୟାନଫେଷ୍ଟ-୨୦୨୦ ରବିବାର ସଂଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି । ଏହି ଅବସରରେ ବନ୍ଦର ଅଧ୍ୟକ୍ଷ ରିଙ୍କେଶ ରାୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମହୋତ୍ସବକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବନ୍ଦର ଉପାଧ୍ୟକ୍ଷ ଏ.କେ.ବୋଷ ଓ ଇ'ଫ୍‌କୋ ପାରାଦୀପ ୟୁନିଟ୍ ମୁଖ୍ୟ କେ.ଜେ.ପଟେଲ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ଆୟୋଜକଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ । ଇଷ୍ଟର୍ଣ୍ଣ ଜୋନାଲ କଲ୍‌ଚରାଲ ସେଣ୍ଟର, ପାରାଦୀପ ବନ୍ଦର, ଇଫ୍‌କୋ ଓ ମିଡିଆ ପାର୍ଟନର ପଲିଟିକାଲ ବିଜିନେସ ଡେଲି ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଚଳିତ ଡିସେମ୍ବର ୨୦ ରୁ ୨୨ ତାରିଖ ତିନି ଦିନ ଧରି ଚାଲିବ । ସରକାରଙ୍କ ସମସ୍ତ କୋଭିଡ୍ ଗାଇଡ ଲାଇନ୍ ଅନୁସରଣ କରାଯାଇ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ଏହି ଉଦ୍‌ଘାଟନୀ ଉତ୍ସବରେ ପାରାଦୀପ କ୍ୟାନମାସ୍ ଗ୍ରୁପ ପକ୍ଷରୁ ଓଡିଆ ନାଟକ 'ସ୍ୱୟମ୍ବର' ପରିବେଷଣ ହୋଇଥିବା ବେଳେ ଦ୍ୱିତୀୟ ଦିନ କୋଲକାତାର ପୂର୍ବ ରଙ୍ଗ ଷ୍ଟେପ ଆଣ୍ଡ ଷ୍ଟେଜ ଗ୍ରୁପ ପକ୍ଷରୁ ବଙ୍ଗାଳି ନାଟକ 'ସୀତାୟନ' ଏବଂ ତୃତୀୟ ତଥା ଅନ୍ତିମ ଦିବସରେ ଭୋପାଳର ଏକ୍ ରଙ୍ଗ କଲ୍‌ଚରାଲ ସୋସାଇଟ୍ ଗ୍ରୁପ ପକ୍ଷରୁ ହିନ୍ଦି ନାଟକ 'ମଧ୍ୟାନ୍ତର' ପରିବେଷଣ ହେବ । ସୁଚନା ଥାଉକି, ପାରାଦୀପର କ୍ୟାନମାସ ସଂସ୍ଥା ଦ୍ୱାରା ଆୟୋଜିତ ନାଟକ ମହୋତ୍ସବ ରାଜ୍ୟ ସମେତ ଜାତୀୟ ଓ ଆନ୍ତର୍ଜ୍ୟାତୀୟ ସ୍ତରରେ ବେଶ୍ ପ୍ରଶଂସିତ ଓ ଆକର୍ଷଣ ସୃଷ୍ଟି କରିପାରିଛି ।

# ଜିଲ୍ଲା ରକ୍ତ ଭଣ୍ଡାରରେ ରକ୍ତଦାନ ଶିବିର ଅନୁଷ୍ଠିତ

ସୋନପୁର, (ନିପ୍ର) : ପ୍ରତାପପୁର ଉଚ୍ଚ ପ୍ରାଥମିକ ଜୁନିଅର ରେଡକ୍ରସ ଓ ଓଡିଶା ରକ୍ତଦାତା ମହାସଂଘର ମିଳିତ ଆନୁକୁଲ୍ୟରେ ସାମାଜିକ ଦୁରତାକୁ ବଜାୟ ରଖି ଜିଲ୍ଲା ରକ୍ତ ଭଣ୍ଡାରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷକ ଗୋପେଶ ପଣ୍ଡାଙ୍କ ପ୍ରତ୍ୟକ୍ଷ୍ୟ ତତ୍ତ୍ୱାବଧାନରେ ହୋଇଥିବା କାର୍ଯ୍ୟରେ ମୁଖ୍ୟଅତିଥି ଭାବରେ ସୋନପୁର ବ୍ଲକ ଶିକ୍ଷା ଅଧିକାରୀ ଘନଶ୍ୟାମ ମେହେର ରକ୍ତଦାନ ଶିବିରକୁ ଉଦ୍‌ଘାଟନ କରିଥିଲେ । ଅନ୍ୟାନ୍ୟ ବରେଣ୍ୟ ଅତିଥି ଭାବରେ ଜୁନିଅର ରେଡକ୍ରସ ସଂପାଦକ ହିମାଂଶୁ ଶେଖର କର, ଉପ-ସଭାପତି ଗତିକୃଷ୍ଣ ମିଶ୍ର, ଜୁନିଅର ରେଡକ୍ରସ ଅଫିସର ରବିଚନ୍ଦ୍ର ପଶାୟତ ଶିବିରରେ ଯୋଗଦାନ କରି ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ । ରକ୍ତ ଭଣ୍ଡାରର ଡାକ୍ତର ଦୂର୍ଗାଦତ୍ତ ଦାଶ ଏବଂ ଟେକ୍‌ନିସିଆନ ସୁବାଷ ପଣ୍ଡା, ଟିଟୁ ଭୋଇ, ଡାଟା ଏନଟ୍ରି ଅପେରଟର ଜଗତ ଦରୱାନ,ସୁଦାମ ବିଶ୍ୱାଳ, ଯୁଧିଷ୍ଠିର ନାଏ, ରେବତୀ ମହାପାତ୍ର ପ୍ରମୁଖଙ୍କ ଦ୍ୱାରା ସ୍ୱେଚ୍ଛାସେବୀ ମାନଙ୍କ ଠାରୁ ୨୮ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ଏହି ଅବସରରେ ରକ୍ତଦାନ ଭଳି ମହତ ସେବା କ୍ଷେତ୍ରରେ ବଲାଙ୍ଗିର ସହରର ତୁଳସୀ ନଗରର ସମାଜସେବୀ ଅକ୍ଷୟ ପଟେଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ରକ୍ତଦାତା ଭାବରେ ସ୍ୱେଚ୍ଛାସେବୀ ସତ୍ୟ ନାରାୟଣ ଦାଶ, ନବକିଶୋର ମହାପାତ୍ର, କ୍ଷୀରୋଦ ବିହାରି ଦାଶ, ପୁଷ୍ପାଞ୍ଜଳୀ ନାୟକ, ସସ୍ମିତା ହୋତା, ଜୟରାମ ପଣ୍ଡା, ଓମ ପ୍ରକାଶ ପଣ୍ଡା, ଅମରଜିତ ପଣ୍ଡା, ପଦ୍ମନାଭ ଧରୁଆ, ସୁଧାଂଶୁ କର୍ଣ୍ଣ, ପ୍ରଫୁଲ୍ଲ ବିଶ୍ୱାଲ, ପ୍ରେମାନନ୍ଦ ଦୀପ, ପ୍ରମୁଖ ନିଜସ୍ୱ ରକ୍ତଦାନ କରି ରୋଗୀମାନଙ୍କ ଜୀବନ ବଂଚାଇବର ସେବାକୁ କାର୍ଯ୍ୟକ୍ରମର ପ୍ରୟାସ କରଥିଲେ । ପ୍ରକାଶ ଥାଉକି, ସୋନପୁର ଜେଲ ୱାର୍ଡର ଭାବରେ କାର୍ଯ୍ୟରତ ଥିବା କ୍ଷୀରୋଦ ବିହାରି ଦାଶ ଯିଏକି ବିରଳ ରକ୍ତ ଓ ନେଗେଟିଭ ଗ୍ରୁପର ରକ୍ତଦାତା ହୋଇଥିଲେ ମଧ୍ୟ ଅଦ୍ୟାବଧି ୧୦୦ତମ ପାଇଁ ଶିବିରରେ ରକ୍ତଦାନ କରିଥିଲେ । କ୍ଷୀରୋଦ ଦାଶଙ୍କର ରକ୍ତଦାନକୁ ନିଶା ଭାବରେ ଗ୍ରହଣ କରିଥିବାରୁ ଜୁନିଅର ରେଡକ୍ରସ ତରଫରୁ ଫୁଲତୋଡା ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ସାଧନକର୍ମୀ ଝସକେତନ ମେହେର, ଅନନ୍ତରାମ ପାଢୀ, ଦୂର୍ଯ୍ୟୋଧନ ପଶାୟତ, ବବିତା ଦୀପ, କାଳିଆ କର୍ମ, ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ସାଧନକର୍ମି ଚନ୍ଦ୍ର ଶେଖର ମହାପାତ୍ର ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ ଓଡିଶା ରକ୍ତଦାତା ମହାସଂଘର ସଦସ୍ୟ ତଥା ଜୁନିଅର ରେଡକ୍ରସ କାଉନସେଲର ରାମ ନାରାୟଣ ଦାଶ କାର୍ଯ୍ୟକ୍ରମରେ ଯୋଗଦେଇଥିବା ସମସ୍ତ ବ୍ୟକ୍ତି ବିଶେଷ ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଚଳିତ ବର୍ଷ ମହାମାରୀ ସମୟରେ ମଧ୍ୟ ସୋନପୁର ଜୁନିଅର ରେଡକ୍ରସ ତରଫରୁ ଅଦ୍ୟାବଧି ୪ ଗୋଟି କ୍ତଦାନ ଶିବିର ଅନୁଷ୍ଠିତ ହୋଇଥିବାରୁ ଜିଲ୍ଲା ସଂପାଦକ ଶ୍ରୀକର ଖୁସି ବ୍ୟକ୍ତ କରିଥିଲେ । ପ୍ରତାପପୁରରେ ଥିବା ସ୍କୁଲ ଏକ ପ୍ରାଥମିକ ବିଦ୍ୟାଳୟ ହୋଇଥିଲେ ମଧ୍ୟ ସଫଳଭାବେ ରକ୍ତଦାନ ଶିବିର ଅନୁଷ୍ଠିତ କରିଥିବାରୁ ଅନ୍ୟ ମାନଙ୍କ ପାଇଁ ଉଦାହରଣ ବୋଲି ଜୁନିଅର ରେଡକ୍ରସ ଉପ ସଭାପତି ତଥା ସାହାରା ଟ୍ରଷ୍ଟ ହାଇସ୍କୁଲର ପ୍ରଧାନଶିକ୍ଷକ ଗତିକୃଷ୍ଣ ମିଶ୍ର ପ୍ରକାଶ କରିଥିଲେ ।

ପରେ ଜୁନିଅର ରେଡକ୍ରସ ତରଫରୁ ଆଗାମୀ ଦିନରେ ସୁବର୍ଣ୍ଣପୁର ଜିଲ୍ଲାର ବିଭିନ୍ନ ସ୍ଥାନରେ ରକ୍ତଦାନ ଶିବିର ଅନୁଷ୍ଠିତ କରାଯିବ ବୋଲି ଜୁନିଅର ରେଡକ୍ରସ ଅଫିସର ଶ୍ରୀପଶାୟତ ସୂଚନା ଦେଇଥିଲେ ।

# ସ୍କୁଲ ବନ୍ଦ ନିଷ୍ପତ୍ତିର ପୁର୍ନବିଚାର ହେଉ

ବଲାଙ୍ଗିର, (ନିପ୍ର) : ସ୍ଥାନୀୟ ଐତିହାସିକ ପୂର୍ଣ୍ଣଚନ୍ଦ୍ର ରଥ ପାଠାଗାର ଠାରେ ଅଭିଭାବକ ମଂଚ ବଲାଙ୍ଗିରର ଏକ ଜରୁରୀ ବୈଠକ ସଭାପତି ଧର୍ମବ୍ରତ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ସଂପାଦକ ଗୋବିନ୍ଦ ମିଶ୍ର ଗତ ବୈଠକର ବିବରଣୀ ପାଠ କରିଥିଲେ । ଆଲୋଚନା ଆରମ୍ଭ କରି ଉପ-ସଭାପତି ପ୍ରଶନ୍ନ ମିଶ୍ର, ରାଜ୍ୟ ଗଣଶିକ୍ଷା ବିଭାଗ କମ୍ ଛାତ୍ର ଥିବା ଦର୍ଶାଇ ଅନେକ ବିଦ୍ୟାଳୟକୁ ବନ୍ଦ କରି ଦେଇଥିବା ନିଷ୍ପତ୍ତିକୁ ଦୁର୍ଭାଗ୍ୟପୂର୍ଣ୍ଣ ଦର୍ଶାଇ ତୁରନ୍ତ ଏହାର ପ୍ରତ୍ୟାହାର ଦାବୀ କରିଥିଲେ । ବନ୍ଦ ହେଉଥିବା ସ୍କୁଲ ଗୁଡିକ ମଧରେ ଗୁଡଭେଲା ବ୍ଲକର ୨୪ଟି ପ୍ରାଥମିକ ବିଦ୍ୟାଳୟ ସମେତ ଜିଲ୍ଲାର ଅନେକ ବିଦ୍ୟାଳୟ ରହିଛି । ଦଳିତ, ଆଦିବାସୀ ଅଧୁଷିତ କେବିକେ ଜିଲ୍ଲା ବଲାଙ୍ଗିରର ଗରିବ ଛାତ୍ରଛାତ୍ରୀ ଏହା ଫଳରେ ପାଠ ପଢିବାରୁ ବଂଚିତ ହେବେ ।

କାର୍ଯ୍ୟକାରୀ କମିଟି ସଭ୍ୟ ଦିବାକର ହୋତା ଏବଂ ଛବିଲାଲ ବେହେରା ରାଜେନ୍ଦ୍ର କଲେଜକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା ପାଇଁ ସ୍ଥାୟୀ କୂଳପତି ନିଯୁକ୍ତି କରିବା ସହ ମଞ୍ଜୁରିପ୍ରାପ୍ତ ଅଧ୍ୟାପକ ପଦ ଗୁଡିକ ପୁରଣ କରିବା ପାଇଁ ଦାବି ଉପସ୍ଥାପନ କରିଥିଲେ । ବୈଠକରେ ପୃଥ୍ୱୀରାଜ ହାଇସ୍କୁଲ, ରମାଇ ହାଇସ୍କୁଲ ତଥା ଟିଟିଲାଗଡ ବାଳକ ହାଇସ୍କୁଲରେ ଚଳିତ ବର୍ଷ ଯୁକ୍ତ ୨ ଶ୍ରେଣୀ ଖୋଲିବା ପାଇଁ ସରକାରଙ୍କ ଠାରେ ଦାବି ଉପସ୍ଥାପନ ପାଇଁ ମତ ପ୍ରକାଶ ପାଇଥିଲା । ଆଲୋଚିତ ସମସ୍ତ ବିଷୟ ସର୍ବ ସମ୍ମତିକ୍ରମେ ଗୃହୀତ ହୋଇଥିଲା । ଶେଷରେ ହରେକୃଷ୍ଣ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ ।

# ଗଦା ଗଦା ଜୀବନ

ଘୋ-ଘା', ହୋ-ହା'ରେ
ଧତଡ଼ା ଠେଲାଗାଡ଼ି ଭଳି
ମାଡ଼ି ଚାଲିଛି ଗଦା ଗଦା ଜୀବନ ।


ମାଟି ନିଶା ତ' ଆଉ ଛୁଉଁନି
ଅନ୍ୟ ନିଶା ସବୁ ଅକ୍ତିଆର କଲେଣି
ତିନି ଭୂବନ ।

ଏବେ ଖୁବ୍ ଭିଡ଼
ରାସନ୍ କାର୍ଡ଼ ଖଣ୍ଡେ ହାତେଇବା ପାଇଁ
ଗରିବୀ ଲିଷ୍ଟରେ ନାଁ ଚଢ଼ିଗଲେ ବାସ୍,
ବେଫିକର୍ ।

ରାସ୍ତାକଡ଼ରେ ଭୋକ ବିଛେଇ,
ଆଖି, ହାତ, ଛାତି ମେଲେଇ ଅନେକ
ଲୋକ
କେବେ ମନ୍ଦିର ସାମ୍ନାରେ
ତ' କେବେ କଚେରୀ ଛକରେ...
ସେମାନଂକର ଅବଶ୍ୟ ନିଘା ନାଇଁ
ଗରିବୀ ଲିଷ୍ଟରେ ଟଙ୍ଗା ହେଇଥିବା
ସରକାରୀ ମହୁହାଣ୍ଡି ଆଡ଼କୁ ।
ବାବାମାନଙ୍କ ପ୍ରବଚନ ପ୍ରବାହ ବି
ଏବେ ଖୁବ୍ ଧିମା....
ଆଶ୍ରମ ଖୋଲି
ନିଜକୁ ଥାବରେ ରଖିଥିବା
ମାହାପୁ ଜାତୀୟ ବାବାମାନେ
ପୂରାପୂରି କାବା,
ଆଗକୁ କାହାର ପାଳି କିଏ କହିବ !
ମୋକ୍ଷପ୍ରାପ୍ତିର
ଗ୍ୟାରେଣ୍ଟି ଦୋକାନ ସବୁ ମାନ୍ଦା
ଦାନ ଦକ୍ଷିଣା ହୁଣ୍ଡି ବି
ପାଖାପାଖି ଫାଙ୍କା ।

ଆଗକୁ ଦାଦନ ଚାଲାଣ ଋତୁ
ମାଡ଼ି ମାଡ଼ି ଆଉଛି
ଗାଁ, ଘର, ହାଟ, ବଜାର,
ଜୀବନ ଧରିବା ପାଇଁ ନିଇତି
ଛେଚି ହେଉଥିବା ନାରୀନର,
ଦାଦନ ସର୍ଦ୍ଦାର....
ସଭିଏଁ ନସର ପସର,
କିଏ ଖାଦକ ତ' କିଏ ଖାଦ୍ୟ
ସଭିଏଁ ଯେପରି ଏକାକାର ।

ହେଇ, ବୋବାଲ୍ କରୁଛନ୍ତି ଦଳେ
ଶୋଭାଯାତ୍ରାରେ
ହେଇଥିବେ ଠିକା କର୍ମଚାରୀ, ମାଷ୍ଟର
ନ ହେଲେ
ବେରୋଜଗାରୀ ବେକାରୀ ଯୁବକ ଦଳ
....ଏଇୟା ଦିଅ, ସେଇୟା ଦିଅ,
ଅସ୍ଥାୟୀତ୍ୱକୁ ସ୍ଥାୟୀ କରାଅ...




**ବଲାଙ୍ଗିରର ଦେବଶ୍ରୀ ପବ୍ଲିକେସନ୍ସ୍ ଦ୍ୱାରା ପ୍ରକାଶିତ
କବି ଆନଂଦ ଚଂଦ୍ର ସାହୁଙ୍କ ନିକଟରେ ପ୍ରକାଶ ପାଇଥିବା
କବିତା ସଂକଳନ
'ଗଦା ଗଦା ଜୀବନ'ରୁ ଦୁଇଟି କବିତା ପଢ଼ିବା ଆସନ୍ତୁ ।**

ନହେଲେ ନିଷ୍ଠେ ନିଆଁ ଜଳିବ
ସରକାର ତୁମେ ଦାୟୀ ରହିବ ।

ଗଦା ଗଦା ଜୀବନ...
ଜୀବନ ଖୋଜାଣ ପଟୁଆରରେ
ଧତଡ଼ା ଠେଲାଗାଡ଼ି ଭଳି ।

ଧରପଗଡ଼ ଯେତେ ଯେତେ
ବଢ଼ିଚାଲିଛି ଭିଜିଲାନ୍ସ ବାଲାଙ୍କ
ସେତେ ସେତେ ବଢ଼ୁଛି
ଲାଭଖୋର୍ ମନ ଉପବନରେ
ଅଂଧାରୀ ସାମ୍ରାଜ୍ୟ...
'ଏ ହାତେ ଟଙ୍କା ଦେ,
ସେ ହାତେ କାମ ନେ'
ଗୋଟେ ଅସ୍ପଷ୍ଟ ସ୍ଲୋଗାନ୍‌ର
ଘୋଡ଼ାରେ ସବାର୍
ଅସଂଖ୍ୟ କିରାଣୀ, ସାହେବ,
ଠିକାଦାର, ଟାଉଟର... ।

ଆରପଟେ
କାନରେ ବାଡ଼େଇ ହଉଚି
ଡିଜିଟାଲ୍ ଇଣ୍ଡିଆର
ମସ୍‌ଗୁଲ୍ ମ୍ୟୁଜିକ୍...
ସ୍ୱଚ୍ଛ ଭାରତର ସ୍ୱପ୍ନରେ ବିଭୂଷିତ
ଆକର୍ଷଣୀୟ ଗୀତ ।

ଧତଡ଼ା ଠେଲାଗାଡ଼ି ଭଳି
ପେଲି ହେଇ ଧକେଇ ଧକେଇ
ଧାଉଁଛନ୍ତି ଅଗଣିତ ଜୀବନ ।

ନୀତି ଆଦର୍ଶର ମଲ୍ଲିମାଳରେ
ଆପାଦ ମସ୍ତକ
ବୁଡ଼ି ଯାଇଥିବା ମଣିଷ
କାଲି ସକାଲୁ ହୁଏତ'
ମିଛଟାରେ ପ୍ରେସ୍ ଲେଖାଥିବା
ଦାମୀ କାର୍‌ରେ
ବୋଝେ ଅଂଧାର
ଚାଲାଣ କରୁଥିବା ବେଳେ
ଧରା ପଡ଼ିପାରେ ପୁଲିସ୍ ହାତରେ ।

ସୁନାଗରିକ ଗଢ଼ା କାରଖାନାର
ସୁଦକ୍ଷ କାରିଗର
ହୁଏତ' କାଲି ସକାଲୁ
ନ୍ୟୁଜ୍ ପେପର୍‌ର ପ୍ରଥମ ପୃଷ୍ଠାରେ
ଟହଳ ମାରୁ ଥାଇପାରେ
'ତୃତୀୟ ଶ୍ରେଣୀର ଛାତ୍ରୀ ପ୍ରତି
ଅସଦାଚରଣ' ଶୀର୍ଷକରେ ।

ଦଳ ଦଳ ଜୀବନ
ଧତଡ଼ା ଠେଲାଗାଡ଼ ଭଳି
ଧଡ଼ଧାଡ଼ ହେଇ ଗଡ଼ୁଛନ୍ତି
ଆବୁଡ଼ା ଖାବୁଡ଼ା ରାସ୍ତାରେ ...
ଆହୁରି ଆହୁରି ମାଡୁଛନ୍ତି ସଭିଏଁ
ଦଶ ଦେଶର ବିକାଶ ପାଇଁ
ପ୍ରତିଷ୍ଠିତ ହଜାର ହଜାର କାରଖାନାର
କଳା କିଟ୍‌କିଟା ଚିମ୍‌ନି ଧୂଆଁରେ । ।
❑



# ଗୋଟେ ଗଛ ଠିଆ ହୋଇଛି ନିର୍ବିକାର

ବିସ୍ତୀର୍ଣ୍ଣ ଏକ ନୀରବ ଭୂଇଁରେ
ଗୋଟେ ଗଛ
ଠିଆ ହେଇଛି ନିର୍ବିକାର ।

ସେଇ ଗଛ କ'ଣ
କଂକାଳ ଦେହରେ ଚମ ଢାଂକି
ଦେଇପାରେ
ଶିରା ଧମନୀ ସୃଜି
ପୁଣି ରକ୍ତ ହେଇ ଧାଇଁପାରେ ଖୁବ୍
ବେଗରେ
ଜୀବନର ବୀଜ
ରୋଇ ଦେଇପାରେ କି
ଛାତିରେ କଂକାଳର ?

ଯାହା ହଉ ନ ହଉ
ଗଛ କିନ୍ତୁ ଠିଆ ହେଇଛି ନିର୍ବିକାର ।

ଘଂଟା କଂଟାର ଥଂଟ ଖୁବ୍ ମୁନିଆଁ
ଖୁଂପୁଛି ଠକ୍ ଠକ୍ ଅନବରତ
ଗଛକୁ, ଡାଳକୁ
ଗଛର ଦୂର ଦିଗନ୍ତମୁହାଁ ଦୃଷ୍ଟିକୁ ବି ।
ଡଗ୍ ଡଗ୍ ସବୁ ଦେଖୁଛି ଏ ଗଛ
ଛନ୍‌ଛନିଆଁ ସ୍ୱପ୍ନମାନଂକର
ଆଖି ତାଡ଼ି ନେବାର ଦେଖିଛି
ଯାହା ତା' କପାଳରେ
ଘନଘୋର ବେଦନା ଲେଖିଛି ।

ଅମାନିଆଁ ପବନ
କେବେ କେବେ
ଭୂତ ପାଲଟି ଯିବାର ଦେଖିଛି,
ଯିଏ ଗୋଟେ
ବିଭତ୍ସ ଆଁ ଗହ୍ୱରରେ
ଗଳେଇ ଦେଇଛି
ବିଭୋର୍ ସମୃଦ୍ଧି ସହ
ଗୋଲ୍ ଗୋଲ୍ ସକଳ ସମ୍ଭାବନା ।


ଭେଜାଲ୍ ଭୋକରେ କଲ୍‌ବଲ୍
ଦଳେ ଲୋକ ନିଜେ ନଜକୁ
ଗିଳି ଦେଉଥିବା ଭଳି
ବିରକ୍ତିକର ଦୃଶ୍ୟ ବି ଦେଖିଛି ଏଇ ଗଛ ।

ଆହୁରି ବି
ଥୁଂଟା ପାପୁଲିରୁ ଆଂଗୁଳି ଗଜୁରିବାର
ଅନୁଭବିଛି...
ଯଥେଷ୍ଟ ତହ ତହ ନିଆଁର ଧାସ
ଖାଇ ସାରିବା ପରେ ବି
ଅଂଟା ଭିଡ଼ି ଖିଲ୍‌ଖିଲଉ ଥିବା
ଘାସ ବଗିଚାକୁ
ସାବାସୀ ଦେଇଛି ।

ନିର୍ବିକାର ଠିଆ ହେଇଛି ଗଛ ।
ତୁମେ ଯେଉଁମାନେ
ମୋକ୍ଷ ପାଇଁ ପ୍ରାର୍ଥନାରତ
ସେମାନଙ୍କ ପାଇଁ ହୁଏତ
ଗଛର କିଛି ସ୍ଲୋଗାନ୍ ନାହିଁ ....
ଯେଉଁମାନେ ନିଜକୁ ଜାବୁଡ଼ି ହାଡ଼ର
ସଂଧିରେ
ରାତିର କାନ୍ଥକୁ ଉଜୁଡ଼େଇ ଦେବା ପାଇଁ
ସଂଘର୍ଷରତ
ସେମାନଙ୍କ ପାଇଁ ଧାରେ
ଆଲୋକିତ ବାଟ
ଆଂକି ଦେଇପାରେ ଏଇ ଗଛ ।

ବିଶାଳ ଏଇ ନୀରବ ଭୂଇଁରେ
ସେମିତି ସମ୍ଭାଳି ନ ହେବା ଭଳି
ଦୁଃଖ ନାହିଁ ଗଛ ପାଇଁ
ରାସ୍ତା ହୁଡ଼ିବାର ନାହିଁ ଯେହେତୁ ।

ଶୂନ୍ୟ ଆକାଶର ବି
ଅନେକ ଭରସା
ଏଇ ଗଛ ଉପରେ
ଏଇ ଗଛର ଡାଳ ହୁଏତ
ଅଜାଡ଼ି ଦେଇପାରେ ଘନିଷ୍ଠ ଛାଇ
ଓ ସାଉଁଟି ଆଣିପାରେ
ହଜି ଯାଇଥିବା କୁନିପିଲାଙ୍କ କୋଳାହଳ
ଓ ସଜାଡ଼ି ଦେଇପାରେ
ଉଜୁଡ଼ା ଖରାବେଳ । ।
❑



# ଏହି ଖାଦ୍ୟ ପଦାର୍ଥ ଜଣେ ବ୍ୟକ୍ତିଙ୍କୁ ଶୀଘ୍ର ବୃଦ୍ଧ କରିପାରେ : ବିଶେଷଜ୍ଞଙ୍କ ଚେତାବନୀ

ନୂଆଦିଲ୍ଲୀ : ବାର୍ଦ୍ଧକ୍ୟ ଜନିତ ସମସ୍ୟାକୁ ଦୂର କରିବାକୁ, ଲୋକମାନେ ସେମାନଙ୍କର ଜୀବନଶୈଳୀରେ ପରିବର୍ତ୍ତନକୁ ଗ୍ରହଣ କରିବା ଉଚିତ । ନିୟମିତ ବ୍ୟାୟାମ, ଚର୍ମର ଯତ୍ନ, ପର୍ଯ୍ୟାପ୍ତ ନିଦ ଏବଂ ବିଶ୍ରାମ ଆପଣଙ୍କୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଯୁବକ ରଖିବା ପାଇଁ ଭଲ ଟିପ୍ସ । କିନ୍ତୁ ଆପଣ ଜାଣନ୍ତି କି, ଆମ ଖାଦ୍ୟରେ ଅନ୍ତର୍ଭୁକ୍ତ ଖାଦ୍ୟର ଗୋଟିଏ ଜିନିଷ ଆମକୁ ବୃଦ୍ଧାବସ୍ଥା ଆଡକୁ ଶୀଘ୍ର ଠେଲିବା ପାଇଁ ଉଦ୍ଦିଷ୍ଟ । ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ କହିଛନ୍ତି ଯେ, ଯେଉଁମାନେ ଅଧିକ ଚିନି ଖାଉଛନ୍ତି, ସେମାନଙ୍କ ବୟସ ସମ୍ବନ୍ଧୀୟ ରୋଗ ହେବାର ଆଶଙ୍କା ଅଧିକ ଥାଏ ।





ଟଫ୍ଟ ୟୁନିଭରସିଟିର ଅନୁସନ୍ଧାନକାରୀମାନେ କହିଛନ୍ତି ଯେ ଅଧିକ ଚ଼ିନି ମାନବ ବୟସ ସମ୍ବନ୍ଧୀୟ ରୋଗ ପାଇଁ ଦାୟୀ ହୋଇଥାଏ । ଅଧିକ ଚ଼ିନି ଶାରୀରିକ କ୍ଷମତାକୁ ମଧ୍ୟ ନଷ୍ଟ କରିଥାଏ ବୋଲି କହିଛନ୍ତି । ଏହିପରି, ଅଧିକ ଚିନି ଖାଦ୍ୟ ଆମ ସ୍ୱାସ୍ଥ୍ୟ ଉପରେ ଦ୍ୱିଗୁଣିତ କୁପ୍ରଭାବ ପକାଇଥାଏ ।

ଅନୁସନ୍ଧାନର ମୁଖ୍ୟ ଲେଖକ ତଥା ଟଫ୍ଟ ୟୁନିଭରସିଟିର ପ୍ରଫେସର ଆଲାନ୍ ଟେଲର କହିଛନ୍ତି ଯେ, ଏହି ଅଧ୍ୟୟନରେ ଆମେ ଅଧିକ ଚିନି ଖାଦ୍ୟ ମାନବଙ୍କ ସ୍ୱାସ୍ଥ୍ୟ ଉପରେ କି ପ୍ରଭାବ ପକାଉଛି ତାହା ବୁଝିବାକୁ ଚେଷ୍ଟା କରିଛୁ । ଆମେ ଜାଣିଲୁ ଯେ ଶରୀରରେ ଅଧିକ ଚିନି ବୟସ ସମ୍ବନ୍ଧୀୟ ରୋଗ ହେବାର ଆଶଙ୍କା ବଢ଼ାଇଥାଏ । ଅଧିକ ଚିନି ଖାଦ୍ୟ ହୃଦ୍ ରୋଗ, ମଧୁମେହ ଏବଂ ବୟସ ସମ୍ବନ୍ଧୀୟ ମାକୁଲାର ଡିଜେରେସନ୍ ସମସ୍ୟା ସୃଷ୍ଟି କରେ । ମାକୁଲାର ଡିଜେରେସନ ହେଉଛି ଏକ ରୋଗ, ଯାହା ମଣିଷକୁ ଅନ୍ଧ କରିପାରେ ।

ପ୍ରକୃତରେ ପି୬୨ ନାମକ ଏକ ପ୍ରୋଟିନ୍ ଆମ କୋଷକୁ ସୁସ୍ଥ ରଖିବା ପାଇଁ ଶରୀରରେ କାମ କରେ । ଏହା ଆମ ଶରୀରର ସାନିଟାଇଜେସନ୍ ଦଳର ଏକ ଅଂଶ, ଯାହା ଉଚ୍ଚ ଚିନି ଡାଏଟ୍ କ୍ଷତିକାରକ ବାୟୋପ୍ରୋଡକ୍ଟ କ୍ଷତିକାରକ ଗ୍ଲାଇପ୍ରେସନ୍ ଏଣ୍ଡ୍ ପ୍ରଡକ୍ଟ (ଏଜିଇ)କୁ ଅପସାରଣ କରିଥାଏ ।


ଆମ ଶରୀରରେ ପି୬୨ ପ୍ରୋଟିନ୍ ଯେତେ କମ୍ ହେବ, ସେତେ ଅଧିକ କ୍ଷତିକାରକ ଗ୍ଲାଇପ୍ରେସନ୍ ଏଣ୍ଡ୍ ପ୍ରଡକ୍ଟ ଜମା ହେବ । ଉଚ୍ଚ ଚିନି ଖାଦ୍ୟ କେବଳ ବୟସକୁ ବଢ଼ାଏ ନାହିଁ, ଏହା ଶରୀରକୁ କ୍ଷତି ପହଂଚାଏ । ପି୬୨ର କାର୍ଯ୍ୟକୁ ମଧ୍ୟ ପ୍ରଭାବିତ କରିଥାଏ । ଅଧିକ ଚିନି ବିଷାକ୍ତ ପଦାର୍ଥର ପରିମାଣ ସହିତ ଶରୀରକୁ ଅସୁରକ୍ଷିତ କରିଥାଏ ।

ଆଲାନ୍ ଟେଲର କୁହନ୍ତି, ଏହା ନୁହେଁ ଯେ ଶରୀରରେ ଚିନି ଆଦୌ ଆବଶ୍ୟକ ହୁଏ ନାହିଁ । କୌଣସି ପ୍ରକାରର ଚିନି ଖାଇବା ବନ୍ଦ କରିବା ମଧ୍ୟ ଆବଶ୍ୟକ ନୁହେଁ । ସର୍ବଦା ଖାଦ୍ୟକୁ ସନ୍ତୁଳିତ ରଖନ୍ତୁ । ଅନେକ ପ୍ରକାରର ଫଳ ଏବଂ ପନିପରିବା ରହିବା ଆବଶ୍ୟକ ।

ଚିନି ଖାଇବା ପୂର୍ବରୁ ଟିକେ ଆକଳନ କରନ୍ତୁ ଦୈନିକ ଖାଦ୍ୟ ବିବରଣୀକୁ, ତାପରେ ଗ୍ରହଣ କରନ୍ତୁ ।

# କଳାହାଣ୍ଡି ଇତିହାସ ପୃଷ୍ଠାର ପର୍ଯ୍ୟଟନ ସ୍ଥଳୀ : ଗୁଡହାଣ୍ଡି ଡୋକରୀଚଂଚରା

ଧର୍ମଗଡ଼, (ନିପ୍ର) : କଳାହାଣ୍ଡିର ଅନେକ ପର୍ଯ୍ୟଟନ ସ୍ଥଳୀ ମାନଙ୍କ ଠାରୁ ଏକ, ଅନନ୍ୟ ଓ ସମ୍ପୂର୍ଣ୍ଣ ଭିନ୍ନ ପର୍ଯ୍ୟଟନ ସ୍ଥଳୀ ହେଉଛି ଡୋକରୀଚଂଚରା । କଳାହାଣ୍ଡି ଜିଲ୍ଲାର କୋକସରା ବ୍ଲକ ଓ ନବରଙ୍ଗପୁର ଜିଲ୍ଲାର ସୀମାନ୍ତବର୍ତ୍ତୀ ଅଂଚଳରେ ଏହା ଅବସ୍ଥିତ । ଡୋକରୀଚଂଚରାରେ ଥିବା ଦୁଇଟି ପ୍ରମୁଖ ଜଳପ୍ରପାତ ପାଇଁ ଏହା ସାରା ଜିଲ୍ଲାରେ ପ୍ରସିଦ୍ଧ । ଗୋଟିଏ ହେଲା ଡୋକରୀଦର ଓ ଅନ୍ୟଟି ଭଏଁର ଘୁମର (ଭୈରବଦର) । ଏତଦ୍ ବ୍ୟତୀତ ଏହା ପାଖରେ ଥିବା ପ୍ରାକ ଐତିହାସିକ ଯୁଗର ଗୁଡାହାଣ୍ଡି ଗୁମ୍ଫା ଏହି ପର୍ଯ୍ୟଟନ ସ୍ଥଳୀକୁ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଛି । ଗୁଡରେ ପରିପୂର୍ଣ୍ଣ ହାଣ୍ଡି ପରି ଦେଖା ଯାଉଥିବାରୁ ଏହି ଗୁମ୍ଫାର ନାମକରଣ ଏହି ପରି ହୋଇଛି ବୋଲି କିମ୍ବଦନ୍ତୀ କୁହେ ।



ଏହି ଗୁଡହାଣ୍ଡି ଗୁମ୍ଫାର ବିଶେଷତ୍ୱ ହେଉଛି ଏଥିରେ ଅବିଷ୍କୃତ ହୋଇଥିବା ପ୍ରାକ ଐତିହାସିକ ଯୁଗର ବିଭିନ୍ନ ଚିତ୍ର, ଶିଳାଲେଖ ତଥା ଗୁମ୍ଫାର କାନ୍ଥ ଗୁଡିକରେ ଖୋଦିତ ହୋଇଥିବା ବିଭିନ୍ନ ଚିତ୍ର । ଡୋକରୀଚଂଚରା ପରିବେଶ ମଧ୍ୟରେ ଥିବା ଏକ ପୁରାତନ ତଥା ପ୍ରାଚୀନ ଶ୍ରୀରାମ ମହାପ୍ରଭୁଙ୍କ ମନ୍ଦିର ଏହି ସ୍ଥଳୀକୁ ଅଧାତ୍ମିକତାର ଏକ ବିଶେଷ ମାନ୍ୟତା ପ୍ରଦାନ କରିଛି । ପ୍ରତି ବର୍ଷ ଏହି ରାମ ମନ୍ଦିର ପରିସରରେ ଶ୍ରୀରାମ ନବମୀ ମହୋତ୍ସବ ନଅ ଦିନ ଧରି ଆନନ୍ଦ ଉଲ୍ଲାସର ସହିତ ପାଳନ କରାଯାଇଥାଏ ।

ଏଠାରେ ଥିବା ଡୋକରୀଦର ଜଳପ୍ରପାତ ୨୦୦ ଫୁଟ ଉଚ୍ଚତା ବିଶିଷ୍ଟ ଏବଂ ଏହି ଜଳ ଧାରାର କଡେ କଡେ ଗଲେ ୨ କିମି ଯିବା ପରେ ପ୍ରସିଦ୍ଧ ଭାନ୍ୟରଘୁମର(ଭୈରବ ଧର) ଜଳ ପ୍ରପାତ ଅଛି, ଯାହା କି ୧୫୦ ଫୁଟ ଉଚ୍ଚ ଉପରୁ ପତିତ ହୋଇଥାଏ । କେଉଁ ଆବାହମାନ କାଳରୁ ଏହି ଅଂଚଳର ଆରାଧ ଦେବୀ ମା' ଡୋକରୀ ଦେବୀଙ୍କୁ ଏହି ସ୍ଥଳୀରେ ପୂଜାର୍ଚ୍ଚନା କରାଯାଇଥାଏ । ଏହି ପର୍ଯ୍ୟଟନ ସ୍ଥଳୀର ବିଶେଷତ୍ୱ ହେଲା ପାଖରେ ଦଣ୍ଡାୟମାନ ହୋଇଥିବା ଯୋଗୀ ପାହାଡ ଓ ରାଣୀ ପାହାଡ ଯାହାକି ପ୍ରାକୃତିକ ସବୁଜିମାରେ ଭରପୁର ରହିଛି ।

ପାଖ ରେଳ ଷ୍ଟେସନ : ଜୁନାଗଡ, ଭବାନୀପାଟଣା

ପାଖ ବିମାନ ବନ୍ଦର : ଭୁବନେଶ୍ୱର, ରାୟପୁର, ବିଶାଖାପାଟଣା

କିପରି ପହଂଚିବେ : ଭୁବନେଶ୍ୱରରୁ ୫୫୦+କିମି ରାସ୍ତା, ବସ ଓ ରେଳ ପ୍ରତି ଦିନ ଚ଼ାଲିଥାଏ । ଭୁବନେଶ୍ୱରରୁ ଭବାନୀପାଟଣା (କଳାହାଣ୍ଡି ଜିଲ୍ଲା ସଦର ମହକୁମା) ଏବଂ ଭବାନୀପାଟଣାରୁ ଭଡା ଗାଡି ଯୋଗେ କୋକସାରା ବ୍ଲକ ଦେଇ ଡୋକରୀଚ଼*ରା ଜଳ ପ୍ରପାତକୁ ପହଂଚି ପାରିବେ । ଗୁଡହାଣ୍ଡି ପର୍ବତ, ଖାଲିଗଡ ନାମକ ଏକ ଛୋଟ ଗ୍ରାମ ପାଖରେ ଅବସ୍ଥିତ ଯାହାର ସୀମା ନବରଙ୍ଗପୁର ଜିଲ୍ଲାକୁ ଲାଗିଛି । ଏହା ଆମପାଣି ଠାରୁ ୧୭.୬ କିମି ଉତ୍ତର-ପୂର୍ବରେ ଅବସ୍ଥିତ ଏବଂ ଆମପାଣି, ଭବାନୀପାଟଣା ଠାରୁ ୭୭ କିମି ଦୂରରେ ଅବସ୍ଥିତ । ଗୁଡହାଣ୍ଡି ପର୍ବତରେ ପୁରାତନ ଯୁଗର କିଛି ଗୁମ୍ଫା ଅଛି ସେଥିରେ ଆଦିମାନବ ସଭ୍ୟତାର କିଛି ପ୍ରସ୍ତର ଚିତ୍ର ଅଙ୍କା ହୋଇଥିବା ଦେଖିବାକୁ ମିଳିଥାଏ । ତିନୋଟି ଛୋଟ ଗୋଲାକାର ପାହାଡକୁ ମିଳିତ ଭାବେ ଗୁଡହାଣ୍ଡି କୁହାଯାଇଥାଏ ।

ଉତ୍ତର ଓ ଦକ୍ଷିଣ ପର୍ବତ ମାଳା ପୁର୍ବରେ ମିଶିଛି ଓ ପଶ୍ଚିମ ଦିଗରେ ଖୋଲା ସ୍ଥାନ ରହିଛି । ପୂର୍ବକୁ ତିଖ ପଥର ସବୁ ଅଛି । ଏହାର ପାଦଦେଶରେ ପର୍ବତ ମାଳାକୁ ସାମନା କରି ଗୁମ୍ଫା ଗୁଡିକ ଧାଡି କରି ରହିଅଛି । ଉତ୍ତର ପଟର ଗୋଟିଏ ଗୁମ୍ଫାକୁ ଛାଡିଦେଲେ ଅନ୍ୟ ସମସ୍ତ ଗୁମ୍ଫା ଗୁଡିକ ଛୋଟ ଛୋଟ ଅଟେ । ଏହି ଜାଗା ଲାଲ ସିଲଟ ପଥର ଦ୍ୱାରା ଆ୍ଛାଦିତ । ଦକ୍ଷିଣ ଧାଡିରେ ଥିବା କିଛି ଗୁମ୍ଫାର ପ୍ରବେଶ ଦ୍ୱାରରେ ଲାଲ ଓ କଳା ରଙ୍ଗର ପ୍ରସ୍ତର ଚ଼ିତ୍ର ସବୁ ଦେଖିବାକୁ ମିଳିଥାଏ । ଏହି ଐତିହାସିକ ସ୍ଥଳୀର ପର୍ଯ୍ୟନ୍ତ ଉପଯୁକ୍ତ ଅଧୟନ କରାଯାଇନାହିଁ । କିନ୍ତୁ ସାଧାରଣତଃ ଅନୁମାନ କରାଯାଏ ଯେ, ଏହି ଚ଼ିତ୍ରାଙ୍କନ ସବୁ ପ୍ରାୟ ସିନ୍ଧୁ ସଭ୍ୟତା ସମୟର ହୋଇ ଥାଇପାରେ ।





## ସମାଜସେବୀ ଗୀତା ମିଶ୍ରଙ୍କ ଉଦ୍ୟମ ଅତି ପ୍ରଶଂସନୀୟ : ବୃଦ୍ଧାଶ୍ରମ ଅନ୍ତବାସୀଙ୍କୁ ବଣଭୋଜି ସହିତ ନୌକା ବିହାର କରାଇଲେ

ବରଗଡ, (ନିପ୍ର) : ରବିବାର ସମୟ ସକାଳ ୫ଟାରେ ପୂର୍ବ ଯୋଜନା ଅନୁସାରେ ଗୋଟିଏ ଲମ୍ବା ଟ୍ରାଭେଲର ଗାଡ଼ି ପାର୍ବତୀ ଗିରି ଅନାଥ ବୃଦ୍ଧାଶ୍ରମ ସମ୍ମୁଖରେ ଛିଡା ହେଲା । ଏଥିରେ ଆଶ୍ରମ ପରିଚାଳକ ଜଳନ୍ଧର ପଟେଲଙ୍କ ପରିବାର ସହିତ ସମସ୍ତ ଅନ୍ତବାସୀ ସର୍ଯ୍ୟ ଉଦୟ ହେବା ପୁର୍ବରୁ ଗାଡ଼ିରେ ତାଙ୍କ ଇଚ୍ଛା ଅନୁସାରେ ବସିଲେ । ଏହାପରେ ବରଗଡ଼ରେ କିଛି ସାମଗ୍ରୀ ଧରି ଗାଡ଼ିଟି ଛାଡ଼ିଥିଲା ଉପାନ୍ତ ଅଂଚଳ ଅମ୍ବାଭୋନା ବ୍ଲକ ଆଡ଼କୁ । କିଛି ସମୟ ପରେ ସମସ୍ତେ ପହିଂଚିଲେ ପ୍ରାକୃତିକ ମନୋରମ ଦୃଶ୍ୟରେ ଭରପୁର ଥିବା ପଥରାସେଣି ପର୍ଯ୍ୟଟନ ସ୍ଥଳୀରେ । ବ୍ୟସ୍ତ ବହୁଳ ଜୀବନ ଯାପନ ଭିତରେ ସମୟ ବାହାର କରି ନିଜସ୍ୱ ଉଦ୍ୟମରେ ବୃଦ୍ଧାଶ୍ରମ ଅନ୍ତବାସୀମାନଙ୍କୁ ବଣଭୋଜିରେ ନେଲେ ସମାଜସେବୀ ଗୀତା ମିଶ୍ର । ବରଗଡ଼ ଜିଲ୍ଲା ବିଜେପୁର ଅନ୍ତର୍ଗତ ସମଲେଇ ପଦର ଗ୍ରାମରେ ଥିବା ପାର୍ବତୀ ଗିରି ଅନାଥ ବୃଦ୍ଧାଶ୍ରମର ଅନ୍ତବାସୀମାନଙ୍କୁ ପଥରାସେଣି ପର୍ଯ୍ୟଟନ ସ୍ଥଳୀ ବୁଲାଇବା ସହିତ ସମସ୍ତଙ୍କୁ ନୌକା ବିହାର କରାଇଥିଲେ । ଅନ୍ତବାସୀ ମାନେ ଅତି ଆନନ୍ଦିତ ଥିବା କହିଛନ୍ତି । ଏଥିପାଇଁ ଏହି ବରିଷ୍ଠ ସମାଜସେବୀ ଜଣକ ପୁର୍ବରୁ ସମସ୍ତ ପ୍ରସ୍ତୁତି କରିଥିଲେ । ଗୀତା ମିଶ୍ରଙ୍କ ସହିତ ମମତା ମିଶ୍ର, ସୀମା ଆଚାର୍ଯ୍ୟ, ଗାୟତ୍ରୀ ମିଶ୍ର, ନିକି ମିଶ୍ର ସହଯୋଗ କରିଥିବା ବେଳେ ସମାଜସେବୀ ସୁବ୍ରତ କୁମାର ବିର୍ତ୍ତିଆ ପରିଚାଳନା କରିଥିଲେ । ସମାଜର ଅବହେଳିତ ଲୋକଙ୍କ ସହିତ ସମସ୍ତ ପର୍ବପର୍ବାଣୀ ପାଳନ କରୁଥିବା ସମାଜସେବୀ ଗୀତା ମିଶ୍ରଙ୍କୁ ପାର୍ବତୀ ଗିରି ଅନାଥ ବୃଦ୍ଧାଶ୍ରମର ପରିଚାଳକ ଜଳନ୍ଧର ପଟେଲ କୃତଜ୍ଞତା ଜ୍ଞାପନ କରିଛନ୍ତି ।






# ବଲାଙ୍ଗିର ଜିଲ୍ଲା ତୈଳିକ ବୈଶ୍ୟ ସମାଜର ସାଂଗଠାନିକ ବୈଠକ ସଂପନ୍ନ




ବଲାଙ୍ଗିର, (ନିପ୍ର) : ଗତକାଲି ୨୦ ତାରିଖ ଦିନ ରେଲୱେ ଷ୍ଟେସନ ସ୍ଥିତ ହରିଓଂ ଭବନ ଠାରେ ଜିଲ୍ଲା ସଭାପତି ଉମାକାନ୍ତ ସାହୁଙ୍କ ସଭାପତିତ୍ୱରେ ବଲାଙ୍ଗିର ଜିଲ୍ଲା ତୈଳିକ ବୈଶ୍ୟ ସମାଜର ସାଂଗଠାନିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ମହାଦେବଙ୍କଠାରେ ପୂଜା ଅର୍ଚ୍ଚନା ତଥା ଦୀପ ପ୍ରଜ୍ୱଳନ ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା । ବିଗତ ଦିନରେ ସ୍ୱର୍ଗାରୋହଣ କରିଥିବା ସମାଜରେ ଜଡ଼ିତ ଥିବା ଜାତି ଭାଇ ଭଣ୍ଡା ଗ୍ରାମର ବିମ୍ବାଧର ସାହୁ, ହୃଦାନନ୍ଦ ସାହୁ ଓ ଅନ୍ୟ ଦିବଙ୍ଗତମାନଙ୍କ ପାଇଁ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ଜିଲ୍ଲା ସାଂଗଠନିକ ସଂପାଦକ ବିକାଶ ସାହୁ ସମସ୍ତଙ୍କୁ ସ୍ୱାଗତ କରି ମଂଚ ପରିଚାଳନା କରିଥିଲେ । ମଂଚାସୀନ ଥିବା ଜିଲ୍ଲା ସଭାପତି ଉମାକାନ୍ତ ସାହୁ, ଜିଲ୍ଲା ସଂପାଦକ ପ୍ରଦୀପ କୁମାର ସାହୁ, ରାଷ୍ଟ୍ରୀୟ ଉପସଭାପତି ଅରୁଣ ସାହୁ ତଥା ନିମନ୍ତ୍ରିତ ଅତିଥି ସୋନପୁର ଜିଲ୍ଲାର ସଭାପତି ପଂକଜ ସାହୁ ପ୍ରମୁଖ ସାଂଗଠାନିକ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ସମୃଦ୍ଧି ସଂପର୍କରେ ଆଲୋଚନା କରି ଜାତିଭାଇମାନଙ୍କ ଗୁରୁତ୍ୱପୂର୍ଣ୍ଣ କର୍ତ୍ତବ୍ୟ ସଂପର୍କରେ ମତାମତ ରଖିଥିଲେ । ଜିଲ୍ଲାର ୧୪ଟି ବ୍ଲକ୍ ତଥା ବଲାଙ୍ଗିର ନଗର ତୈଳିକ ବୈଶ୍ୟ ସମାଜ ସମାଜ ସଭାପତି, ସଂପାଦକ ଓ ଅନ୍ୟ କର୍ମକର୍ତ୍ତାମାନେ ବିଭିନ୍ନ ପ୍ରସ୍ତାବ ପ୍ରଦାନ କରି ଜିଲ୍ଲା ସମାଜକୁ ଆଗକୁ ନେବା ଦିଗରେ ସୁଚିନ୍ତିତ ମନ୍ତବ୍ୟ ଦେଇଥିଲେ । ସମାଜର ସମସ୍ତ ବର୍ଗର ବ୍ୟକ୍ତିବିଶେଷଙ୍କ ପାଇଁ ସହଯୋଗ ପ୍ରଦାନ ତଥା ସେମାନଙ୍କ ହକ୍ ପାଇଁ ଜିଲ୍ଲା ତୈଳିକ ବୈଶ୍ୟ ସମାଜ ସବୁବେଳେ ସଂଘର୍ଷ ଜାରି ରଖିଥିବା କଥା ମଧ୍ୟ ଅତିଥିମାନେ କହିଥିଲେ । ନଗର ସଭାପତି ରେବତୀକାନ୍ତ ସାହୁ, ସଂପାଦକ ପରମାନନ୍ଦ ସାହୁ, ଅଭୟ ସାହୁ, ସତ୍ୟବାନ ସାହୁ, ବିପିନ ବିହାରୀ ସାହୁ, ରବିନ୍ଦ୍ର ସାହୁ, ମହେନ୍ଦ୍ର ସାହୁ, ଦତ୍ତ ସାହୁ, ବିରଂଚି ସାହୁ, ପର୍ଶୁରାମ ସାହୁ, ଶରତ ଚନ୍ଦ୍ର ସାହୁ, ନିରଂଜନ ସାହୁ, ପ୍ରଦୀପ ସାହୁ, ରୋହିତ ସାହୁ, ଗଣେଶ ସାହୁ, ହେରାମ ସାହୁ, ଫକୀର ସାହୁ, ମହେଶ୍ୱର ସାହୁ, ଉମେଶ ସାହୁ ପ୍ରମୁଖ ନିଜ ନିଜ ବକ୍ତବ୍ୟ ରଖିଥିଲେ ।

ପରେ ବଲାଙ୍ଗିର ଜିଲ୍ଲାର ୧୪ଟି ବ୍ଲକ୍ ପାଇଁ ସମୀକ୍ଷକ ଭାବେ ଅଙ୍ଗୀରା ସାହୁ, ପ୍ରସନ୍ନ ସାହୁ, ଗୋବିନ୍ଦ ସାହୁ, ଦିଲୀପ ସାହୁ, ଧ୍ରୁବଚରଣ ସାହୁ, ମୋହନ ସାହୁ, ଶ୍ୟାମ ସାହୁ ଓ ମୁକେଶ ସାହୁଙ୍କୁ ନିଯୁକ୍ତ କରାଯାଇଥିଲା । ଶେଷରେ ପ୍ରସନ୍ନ ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ମମତା ବାନାର୍ଜୀଙ୍କ ଗଡ଼ରେ.... (ପ୍ରଥମ ପୃଷ୍ଠାରୁ)

ଶାହାଙ୍କ ପଶ୍ଚିମବଙ୍ଗ ଗସ୍ତ ବିଶେଷ ଗୁରୁତ୍ୱପୂର୍ଣ୍ଣ ରହିଛି । ଶନିବାର ସେ ରାଜ୍ୟରେ ଏକ ରାଲି କରିଥିଲେ, ଯେଉଁଥିରେ ଶାସକ ଦଳ ଟିଏମସିର ବିଦ୍ରୋହୀ ନେତାମାନେ ବିଜେପିରେ ଯୋଗ ଦେଇଥିଲେ । ରବିବାର ଶାହା ବୀରଭୂମ ଜିଲ୍ଲାର ଶାନ୍ତିନିକେତନ ସ୍ଥିତ ବିଶ୍ୱ ଭାରତୀ ବିଶ୍ୱବିଦ୍ୟାଳୟ ପରିଦର୍ଶନ କରି ସେଠାରେ ସେ ରବୀନ୍ଦ୍ରନାଥ ଟାଗୋରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ଏବଂ ପରେ ବିଭିନ୍ନ ଦଳୀୟ କାର୍ଯ୍ୟକ୍ରମରେ ଯୋଗଦେଇ କାର୍ଯ୍ୟକର୍ତ୍ତାଙ୍କୁ ଉଦ୍‌ବୋଧନ ଦେଇଛନ୍ତି । ପରେ ଶାହା ହନୁମାନ ମନ୍ଦିର ଠାରୁ ଷ୍ଟାଡିୟମ ରୋଡରେ ବୋଲପୁର ସର୍କଲ ପର୍ଯ୍ୟନ୍ତ ବୋଲପୁରରେ ଏକ ରୋଡ ସୋ' ଆୟୋଜନ କରି ଦବ୍‌ଦବା ପ୍ରଦର୍ଶନ କରିଛନ୍ତି ।

ଶେଷରେ ବୀରଭୂମର ମୋହର କୁଟୀରରେ ଏକ ସାମ୍ବାଦିକ ସମ୍ମିଳନୀ ସହ ଯାତ୍ରା ଶେଷ କରି ଦିଲ୍ଲୀ ଫେରିଥିବା ଜଣାପଡ଼ିଛି ।

# ବାଧିତ ଜନବନ୍ଧୁ ପ୍ରଭାକର ରଥଙ୍କ ଜନ୍ମ ଶତବାର୍ଷିକୀରେ ସାମ୍ବାଦିକ ଗୌରବ ଶିବ ପ୍ରସାଦ ପାଣ୍ଡିଆଙ୍କ ସ୍ମାରକି ବକ୍ତୃତା




ବଲାଙ୍ଗିର, (ନିପ୍ର) : ଆଜି ପୂର୍ବାହ୍ନରେ ଲିଟିରାରି ଏଣ୍ଡ ସୋସିଆଲ କ୍ଲବରେ ବାଧିତ ଜନବନ୍ଧୁ ପ୍ରଭାକର ରଥ ସ୍ମୃତି ସମିତି ତରଫରୁ ସାମ୍ବାଦିକ ଗୌରବ ଶିବ ପ୍ରସାଦ ପାଣ୍ଡିଆଙ୍କ ସ୍ମାରକୀ ବକ୍ତୃତା ସଭାପତି ଜୟରାମ ମିଶ୍ରଙ୍କ ସଭାପତିତ୍ୱରେ ଓ କସ୍ତୁରୀ ରଥଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟବକ୍ତା ଭାବରେ ଆଦର୍ଶ ଶିକ୍ଷକ ରାମ ଗୋପାଳ ଖମାରୀ ଶର୍ମା ଯୋଗଦେଇ ବାହ୍ୟ ସ୍ୱଚ୍ଛ ବନାମ ଅନ୍ତଃକରଣ ସ୍ୱଚ୍ଛତା ଉପରେ ସାରଗର୍ଭକ ମତବ୍ୟକ୍ତ କରି କହିଲେ ଯେ ବାହ୍ୟ ସ୍ୱଚ୍ଛ ସାଧାରଣ କଥା ମାତ୍ର ଅନ୍ତଃକରଣ ସ୍ୱଚ୍ଛ ପାଳନ କରିବା ସାଧନାର କଥା ବୋଲି ମତବ୍ୟକ୍ତ କରିଥିଲେ । ସମ୍ମାନିତ ବକ୍ତା ଭାବରେ ଯୋଗଦେଇ ସାମ୍ବାଦିକ ବିରେନ୍ଦ୍ର କୁମାର ଝାଙ୍କର ଶିବ ପ୍ରସାଦ ପାଣ୍ଡିଆଙ୍କ ବଳିଷ୍ଠ ସାମ୍ବାଦିକତା ଓ ସ୍ପଷ୍ଟ ବାଦିତା ଉପରେ ଦୀର୍ଘ ବକ୍ତବ୍ୟ ପ୍ରସାଦ କରିଥିଲେ । ସଭା ଆରମ୍ଭରେ ଜ୍ୟୋତିରାଣୀ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପଣ୍ଡିତ ବ୍ରଜ ବିହାରୀ ତ୍ରିପାଠୀ ବେଦ ପଠନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ ଆଦ୍ୟାଶକ୍ତି ନାରୀ ସଂଗଠନ, ମାଳତୀ ଉଦ୍‌ଗାତା, ତପସ୍ୱିନୀ ପଶାୟତ, ଚୁଡେନ୍ଦ୍ର କୁମାର ବେହେରା, ସୁନାଧର ବନଛୋର, ପ୍ରଦୀପ ପଶାୟତ, ହୃଷିକେଶ ପୁରୋହିତ, ଅରୁଣ ଖୁଆସ, ଦୁର୍ଗା ଚରଣ ସାହୁ ଓ ମଦନ ମୋହନ ରଥ । ଏହି କାର୍ଯ୍ୟକ୍ରମରେ ବଲାଙ୍ଗିରର ବହୁ ମାନ୍ୟଗନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ଶେଷରେ ଅନୁପ୍ରିୟା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଭିଜିଲାନ୍ସ ହାତରେ ଲାଗିଲା ସ୍ପେଶାଲ୍ ପ୍ଲାନିଂ ଅଫିସ୍‌ର ଟ୍ରେସର୍ ଜୀବଦିଶ ପାତ୍ରଙ୍କ ୧ କୋଟି ୨୨ ଲକ୍ଷ ୩୧ ହଜାର ୨୯୦ ଟଙ୍କାର ସପତ୍ତି







ବଲାଙ୍ଗିର, (କେପିଏନ୍ଏସ୍) : ଆୟ ବହିର୍ଭୂତ ସଂପତ୍ତି ଠୁଳ ଅଭିଯୋଗରେ ବଲାଙ୍ଗିର ସ୍ୱତନ୍ତ୍ର ଯୋଜନା ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଟ୍ରେସର୍ ଜୀବଦିଶ ପାତ୍ର ଭିଜିଲାନ୍ସ ଜାଲରେ ପଡ଼ିଥିବା ବେଳେ ଶ୍ରୀ ପାତ୍ରଙ୍କ ଠାରୁ ୧ କୋଟି ୨୨ ଲକ୍ଷ ୩୧ ହଜାର ୨୯୦ ଟଙ୍କାର ସପତ୍ତି ଠାବ ହୋଇଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ସୂଚନାଯୋଗ୍ୟ ଯେ, ଶ୍ରୀ ପାତ୍ରଙ୍କ ଆଦର୍ଶପଡ଼ା ସ୍ଥିତ ବାସଗୃହ, ସଂପର୍କୀୟଙ୍କ ଘର, କଲେଜ ଛକ ସ୍ଥିତ ଅଫିସ୍ ଏବଂ ପୁଇଁନ୍ତଲା ବ୍ଲକ୍ ଶିକାବାହେଙ୍ଗା ଗାଁରେ ଥିବା ପୈତୃକ ଘରେ ଭିଜିଲାନ୍ସ ଟିମ୍ ଚଢ଼ାଉ ଜାରି ରହିଥିଲା । ସମ୍ବଲପୁର, ସୋନପୁର ଏବଂ ବଲାଙ୍ଗିର ଭିଜିଲାନ୍ସ ବିଭାଗର ତିନୋଟି ଟିମ୍ ଚଢ଼ଉରେ ସାମିଲ୍ ହୋଇଛନ୍ତି । ତେବେ ଶ୍ରୀ ପାତ୍ରଙ୍କ ଠାରୁ ୬୩ ଲକ୍ଷ ୩୦ ହଜାର ୯୯୩ ଟଙ୍କା ମୂଲ୍ୟର ଏକ ତିନିମହଲା ବିଶିଷ୍ଟ କୋଠାଘର ଓ ଗୋଟିଏ ଏକ ମହଲା ବିଶିଷ୍ଟ କୋଠାଘର, ୩୦ ହଜାର ଟଙ୍କାର ଗୋଟିଏ ପ୍ଲଟ୍, ୩ ଲକ୍ଷ ୫୭ ହଜାର ୬୮୪ ଟଙ୍କାର ଗୋଟିଏ ମାରୁତି ଅଲ୍‌ଟୋ-୮୦୦, ୪୩ ହଜାର ଟଙ୍କା ମୂଲ୍ୟର ଗୋଟିଏ ମୋଟର ସାଇକେଲ, ୨୪ ଲକ୍ଷ ୬୮ ହଜାର ୬୨ ଟଙ୍କା ବିଭିନ୍ନ ବ୍ୟାଙ୍କ ଓ ପୋଷ୍ଟ ଅଫିସ୍‌ରେ ଜମା ରାଶି, ୬ ଲକ୍ଷ ୫୬ ହଜାର ୧୭୬ ଟଙ୍କା ମୂଲ୍ୟର ଗୁଡ଼ାଏ ଇନ୍ସ୍ୟୁରାନ୍ସ ପୋଲିସି, ୧୧ ଲକ୍ଷ ୬୬ ହଜାର ୩୨୮ ଟଙ୍କା ମୂଲ୍ୟର ସ୍ୱର୍ଣ୍ଣ ଅଳଙ୍କାର, ୧ ଲକ୍ଷ ୪୭ ହଜାର ୨୫୨ ନଗଦ ଟଙ୍କା ଓ ୧୦ ଲକ୍ଷ ୩୧ ହଜାର ୭୯୫ ଟଙ୍କା ମୂଲ୍ୟର ଗୃହ ଆସବାବପତ୍ର ଚଢ଼ାଉ ବେଳେ ଭିଜିଲାନ୍ସ ହାତରେ ଲାଗିଥିବା ଖବର ମିଳିଛି ।

## ପଶ୍ଚିମବଙ୍ଗ ଗସ୍ତର ଅନ୍ତିମ.... (ପ୍ରଥମ ପୃଷ୍ଠାରୁ)

ପଶ୍ଚିମବଙ୍ଗରେ ଓଏଏଲପି ଅଧୀନରେ ତୈଳ ଏବଂ ଗ୍ୟାସର ଅନ୍ୱ?ଷଣ ପାଇଁ ଲିଜ୍ ନିଆଯାଇଛି । ନୂଆ ଇନୋଭେସନ ଏବଂ ନୂଆ ଟେକ୍ନୋଲୋଜି ମାଧ୍ୟମରେ ସ୍ଥାନୀୟ ଅଂଚଳରେ ନୂଆ ସମ୍ଭାବନା ଅଣାଯିବ । ବାଣିଜ୍ୟିକ ଉତ୍ପାଦନ ଆରମ୍ଭ ତଥା ଅଶୋକନଗରର ଅନ୍ୟ କୂଅ ଗୁଡ଼ିକରୁ ଉତ୍ପାଦନ ଆରମ୍ଭ କରିବା ପାଇଁ ଜୋରଦାର ଉଦ୍ୟମ ପଶ୍ଚିମବଙ୍ଗର ଆର୍ଥିକ ବିକାଶ ଉପରେ ସୁପ୍ରଭାବ ପକାଇବ । ଏହା ଦ୍ୱାରା ସ୍ଥାନୀୟ ଲୋକଙ୍କୁ ରୋଜଗାର ମିଳିବ, ଅର୍ଥନୀତି ବିକାଶ ହେବ । ଓଏନଜିସିର ଏହି ପଦକ୍ଷେପ ଫଳରେ ସ୍ଥାନୀୟ ଅର୍ଥନୀତି ବଢ଼ିବ, ପ୍ରଧାନମନ୍ତ୍ରୀଙ୍କ ଆତ୍ମନିର୍ଭର ଲକ୍ଷ୍ୟ ହାସଲ କରିବାରେ ମଧ୍ୟ ବଡ଼ ଯୋଗଦାନ ରଖିବା ସହ ଯୁବକଙ୍କ ଆକାଂକ୍ଷାକୁ ପୂରଣ କରିବ ଏବଂ ରୋଜଗାରର ସୃଷ୍ଟି ହେବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ସରକାର ପୂର୍ବ ଭାରତର ବିକାଶର ଲକ୍ଷ୍ୟକୁ ପୂରଣ କରିବା ଦିଗରେ ଅଗ୍ରସର ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।



# ରଚନା ପକ୍ଷରୁ 'କାକର କଲ୍ଲୋଳ' କାର୍ଯ୍ୟକ୍ରମ ଅନୁଷ୍ଠିତ

ବଲାଙ୍ଗିର, (ନିପ୍ର) : ସ୍ଥାନୀୟ ପଥରଚେପା ସ୍ଥିତ ପଞ୍ଚବଟି ଠାରେ ବଲାଙ୍ଗିର ଜିଲ୍ଲାର ଅଗ୍ରଣୀ ସାହିତ୍ୟ, ସାମାଜିକ ତଥା ସାଂସ୍କୃତିକ ଅନୁଷ୍ଠାନ ରଚନା ପକ୍ଷରୁ 'କାକର କଲ୍ଲୋଳ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ରଚନାର ସଭାପତି ସାହିତ୍ୟିକ ସନାତନ ଠାକୁରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ଅନୁଷ୍ଠିତ ସାହିତ୍ୟ ସଭାରେ ଓଡିଶା ସାହିତ୍ୟ ଏକାଡେମୀ ସଭ୍ୟା ଡାକ୍ତର ଜ୍ୟୋତିର୍ମୟୀ ସାହୁ ମୁଖ୍ୟ ଅତିଥି ଓ ଓଡିଶାର ସୁନାମଧନ୍ୟ ଗାଳ୍ପିକ କ୍ଷେତ୍ରବାସୀ ନାଏକ ସମ୍ମାନୀତ ଅତିଥି ଭାବେ ଯୋଗଦାନ କରିଥିଲେ । ସମ୍ପାଦକ କବି ଭାଗରଥି ମିଶ୍ର କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ । ଅତିଥିମାନେ ଆଧୁନିକ ସାହିତ୍ୟର ସ୍ଥିତି ସମ୍ପର୍କରେ ବିଶେଷ ଆଲୋଚନା କରିଥିଲେ । ଦ୍ୱିତୀୟ ପର୍ଯ୍ୟାୟରେ ଅନୁଷ୍ଠିତ 'କାକର କଲ୍ଲୋଳ' କବିତା ଆସର କବି କୌତୁକ ପନ୍ଦର ଓ କବିୟିତ୍ରୀ ଲିଲି ପଟେଲଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା । ଆସରରେ ସ୍ୱରଚିତ କବିତା ପାଠ କରିଥିଲେ କବି ଅନନ୍ତ ବିଶ୍ୱାଳ, ସିପୁନ ନାଏକ, ଶେଖର ରଥ, ଓମ୍ ପ୍ରଣବ ନାୟକ, ମୃଗେଶ ବୈଷ୍ଣବ ପାଣିଗ୍ରାହୀ, ବ୍ରହ୍ମାନନ୍ଦ ବନଛୋର, ମଧୁସୂଦନ ନେଗୀ, ଗଣେଷ ବାରିକ, ଜ୍ୟୋତି ରଞ୍ଜନ ମିଶ୍ର, ଆନନ୍ଦ ଚନ୍ଦ୍ର ସାହୁ, ଅରୁଣ ମିଶ୍ର, ଜୟଦେବ କର, ପ୍ରହଲ୍ଲାଦ ଶତପଥୀ, ଭାଗିରଥି ମିଶ୍ର, ଦୁଃଖୀଶ୍ୟାମ ତ୍ରିପାଠୀ, ସନାତନ ଠାକୁର, କବୟିତ୍ରୀ ସସ୍ମିତା ନେପାକ, ସସ୍ମିତା ମହାପାତ୍ର, ସଙ୍ଗିତା ନେପାକ, ସବିତା ମହରା, ଡ. ଜ୍ୟୋତିର୍ମୟୀ ସାହୁ । କାର୍ଯ୍ୟକ୍ରମ ଶେଷରେ ଧନ୍ୟବାଦ ଦେଇଥିଲେ ଯୁଗ୍ମ ସମ୍ପାଦକ ଡ. ଲକ୍ଷ୍ମଣ ମେହେର ।







# ଭୂମିକାର ବାର୍ଷିକ ଅଧିବେଶନ ଏବଂ କର୍ମକର୍ତ୍ତା ଚୟନ




ବଲାଙ୍ଗିର, (ନିପ୍ର) : ବଲାଙ୍ଗିରର ଅଗ୍ରଣୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ଭୂମିକାର ବାର୍ଷିକ ଅଧବବେଶନ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଚନ୍ଦନଭାଟି ଠାରେ ଆୟୋଜିତ ବୈଠକରେ ଅନୁଷ୍ଠାନର ସଭାପତି ନୟନକିଶୋର ମହାନ୍ତି ଅଧ୍ୟକ୍ଷତା କରିଥିବା ବେଳେ ସଂପାଦକ ବିରେନ୍ଦ୍ର ବନ୍‌ଛୋର୍ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ । କୋଷାଧ୍ୟକ୍ଷ ଚିତ୍ତରଂଜନ ଦାଶ ଆୟବ୍ୟୟର ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ । ବୈଠକରେ ଅନୁଷ୍ଠାନର ସଦସ୍ୟମାନେ ଯୋଗଦେଇ ଗତବର୍ଷ ମାର୍ଚ୍ଚ ମାସରୁ ଲାଗି ରହିଥିବା କରୋନା କଟକଣା ଯୋଗୁଁ ଅନୁଷ୍ଠାନର କାର୍ଯ୍ୟକ୍ରମରେ ସୃଷ୍ଟି ହୋଇଥିବା ସମସ୍ୟା ସଂପର୍କରେ ଆଲୋଚନା କରିଥିଲେ । ଆଗାମୀ ଦିନରେ ଉଭୟ ସାଂସ୍କୃତିକ ଏବଂ ସାମାଜିକ ସ୍ତରରେ ଅନୁଷ୍ଠାନକୁ ଆହୁରି ଯୋଡ଼ିବାକୁ ପ୍ରୟାସ କରାଯିବା ନେଇ ଆଲୋଚନା ହୋଇଥିଲା । ଏଥିସହିତ ବନୀକରଣ, ରକ୍ତଦାନ, ଚିତ୍ରାଙ୍କନ, ନାଟ୍ୟ କର୍ମଶାଳା ଭଳି କାର୍ଯ୍ୟକ୍ରମକୁ କରୋନା କଟକଣା ମାନି ଆୟୋଜନ କରିବାକୁ ସ୍ଥିର କରାଯାଇଥିଲା । ପରେ ଆଗାମୀ ୨୦୨୧ ବର୍ଷ ପାଇଁ ଅନୁଷ୍ଠାନର କର୍ମକର୍ତ୍ତା ଚୟନ ହୋଇଥିଲା । ହେଲେ କରୋନା କଟକଣାକୁ ନଜରରେ ରଖି ଗତ ଥରର ସମସ୍ତ ପଦପଦବୀର କାର୍ଯ୍ୟକାଳ ଆସନ୍ତା ବର୍ଷ ପାଇଁ ବୃଦ୍ଧି କରାଗଲା । ଏଥିରେସ ଭାପତି ଭାବରେ ନୟନ ମହାନ୍ତି, ଉପ ସଭାପତି ବ୍ୟାସଦେବ ନନ୍ଦ, ସାଧାରଣ ସଂପାଦକ ବୀରେନ୍ଦ୍ର ବନ୍‌ଛୋର୍, ସହ ସଂପାଦକ ଜିତେନ୍ଦ୍ରୀୟ ଷଡ଼ଙ୍ଗୀ, କୋଷାଧ୍ୟକ୍ଷ ଚିତ୍ତରଂଜନ ଦାଶ, ସଂଯୋଜକ ଶକ୍ତିଦତ୍ତ ମିଶ୍ର, ଜନସଂପର୍କ ଅଧିକାରୀ ଭାବରେ ଧର୍ମେନ୍ଦ୍ର ପ୍ରସାଦ ନନ୍ଦଙ୍କୁ ସର୍ବ ସମ୍ମତି କ୍ରମେ ଚୟନ କରାଯାଇଥିଲା । ପ୍ରଫେସର ମଧୁସୂଦନ ପତି ଓ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆଙ୍କୁ ଉପଦେଷ୍ଟା ରହିବାକୁ ଅନୁରୋଧ କରାଯିବାକୁ ନିଷ୍ପତ୍ତି ଗୃହୀତ ହୋଇଥିଲା । କର୍ମକର୍ତ୍ତା ଚୟନ ପରେ ଆଗାମୀ ବର୍ଷ ପାଇଁ ହାତକୁ ନିଆଯିବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ ସଦସ୍ୟମାନେ ପ୍ରସ୍ତାବ ଆଗତ କରିଥିଲେ । ପରବର୍ତ୍ତୀ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ ପୂର୍ବକ ଏଥର କରୋନା ପାଇଁ ମଠଖାଇ ମହୋତ୍ସବକୁ ସ୍ଥଗିତ ରଖିବା ପାଇଁ ନିଷ୍ପତ୍ତି ହେବା ସହ ଏ ନେଇ ଖୁବ୍ ଶୀଘ୍ର ମଠଖାଇ ମହୋତ୍ସବ ଆୟୋଜନ କମିଟିର ଏକ ସଭା ଆହ୍ୱାନ କରିବାକୁ ନିଷ୍ପତ୍ତି ହୋଇଥିଲା ।

# ରୋଷେୟା ସଂଘର ସାଧାରଣ ବୈଠକ ଅନୁଷ୍ଠିତ

ବଲାଙ୍ଗିର,(ନିପ୍ର) : ଆଜି ସ୍ଥାନୀୟ ନର୍ସରୀ ଠାରେ ଅଭିବକ୍ତ ବଲାଙ୍ଗିର ଓ ସୋନପୁର ଜିଲ୍ଲାର ରୋଷେୟା ସଂଘର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ବସନ୍ତ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ମହାମାରୀ ସମୟରେ ରୋଷେୟାମାନଙ୍କ ପ୍ରତି ସରକାର ତଥା ଜିଲ୍ଲା ପ୍ରଶାସନର ଅଣଦେଖା ଉପରେ ସଂଘ କ୍ଷୋଭ ପ୍ରକାଶ କରିଛି । କୋଭିଡ ଯୋଗୁଁ ବିଭିନ୍ନ ସାମାଜିକ ଅନୁଷ୍ଠାନ ଉପରେ ସରକାର ରୋକ ଲଗାଇଥିବା ବେଳେ ଅନେକ ରୋଷେୟା ନିଜର ରୋଜଗାର ହରାଇ ବସିଛନ୍ତି । କିନ୍ତୁ ରୋଷେୟାମାନଙ୍କ ବାରମ୍ବାର ଗୁହାରୀ ପରେ ମଧ୍ୟ ସରକାର କିମ୍ବା ଜିଲ୍ଲା ପ୍ରଶାସନ ରୋଷେୟାମାନଙ୍କୁ କୌଣସି ସହାୟତା ପ୍ରଦାନ ନ କରିବା ଅତ୍ୟନ୍ତ ଦୁଃଖର ବିଷୟ । ଆଗାମୀ ଦିନରେ ସଂଘ ଏ ଦିଗରେ ପୁଣିଥରେ ଜିଲ୍ଲା ପ୍ରଶାସନ ଓ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବ । ଏହା ସତ୍ୱେ ଦାବୀ ପୁରଣ ନହେଲେ ସଂଘ ଆନ୍ଦୋଳନାତ୍ମକ ପଥ ଗ୍ରହଣ କରିବ । ସେହିପରି ଆଜିର ସଭାରେ ସର୍ବସମ୍ମତି କ୍ରମେ ପାରିତ ହୋଇଥିବା ପ୍ରସ୍ତାବ ଯଥା ସଂଘର ସରକାରୀ ପଞ୍ଜିକରଣ, ନୂତନ ସଭ୍ୟ ଗ୍ରହଣ, ଅଫିସ ଗୃହ ଓ ରୋଷେୟା ସୁରକ୍ଷା ପାଣ୍ଠି ପୁରଣ ଦିଗରେ ସଂଘ ବିଶେଷ ପ୍ରୟାସ କରିବ ବୋଲି ସଂଘର ସଂପାଦକ ଗୋକୁଳାନନ୍ଦ ମିଶ୍ର କହିଛନ୍ତି । ଆଜିର ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ସଂଘର ଉପଦେଷ୍ଟା ସାଂବାଦିକ ବାବୁ ପୁଜାରୀ, ଉପ ସଭାପତି ଆକୁଳି ରଥ , କୋଷାଧକ୍ଷ୍ୟ ଗଦାଧର ପଣ୍ଡା, ରମେଶ ମିଶ୍ର, ରମାକାନ୍ତ ମିଶ୍ର,ଦିବାକର ମିଶ୍ର, ଗିରିଶ ମିଶ୍ର, ସୁମନ୍ତ ମିଶ୍ର, ସୁରଥ ମିଶ୍ର, ବାବୁଲି ମିଶ୍ର, ନବୀନ ମିଶ୍ର, କପିଳେଶ୍ୱର ମିଶ୍ର ଓ ସତ୍ୟ ନାରାୟଣ ସାବତ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ବିଜୟ ତ୍ରିପାଠୀ ସମସ୍ତଙ୍କୁ ଧନ୍ୟବାଦ ଦେଇ ସଭା ସାଙ୍ଗ କରିଥିଲେ ।

# +୨ ବାଣିଜ୍ୟ ୨୦୧୫ ବ୍ୟାଚ୍ ଛାତ୍ରଙ୍କ ବନ୍ଧୁ ମିଳନ ଅନୁଷ୍ଠିତ



ବଲାଙ୍ଗିର, (ନିପ୍ର) : ପ୍ରତି ବର୍ଷ ଭଳି ଏ ବର୍ଷ ମଧ୍ୟ ରାଜେନ୍ଦ୍ର କଲେଜର ୨୦୧୫ରୁ ୨୦୧୭ ମସିହା ପର୍ଯ୍ୟନ୍ତ ପାଠ ପଢୁଥିବା ବାଣିଜ୍ୟ ବିଭାଗର ଛାତ୍ର ମାନଙ୍କ ସ୍ଥାନୀୟ ଭୀମ୍ ଡୁଙ୍ଗୁରୀ ଠାରେ ବନ୍ଧୁ ମିଳନ ଅନୁଷ୍ଠିତ ହୋଇଯାଇଛି । ଏହି ବନ୍ଧୁ ମିଳନରେ ୪୦ରୁ ଅଧିକ ଛାତ୍ରମାନେ ଯୋଗଦାନ କରିଥିଲେ ।

ସଭାପତି ମାନସ ମହାକୁର ଏହା ଆୟୋଜିତ କରିଥିବା ବେଳେ ତୁଷାରକାନ୍ତ ସାହୁ, ପ୍ୟାରୀଲାଲ ପୋଢ, ଅରବିନ୍ଦ, ବିଜୟ, ସଂଗ୍ରାମ, ରଶ୍ମୀ ରଜଂନ, ବିନାୟକ, ଶିବୁ, ଆଶୁତୋଷ, ରାଜେନ୍ଦ୍ର, ମାନଭଞ୍ଜନ, ମାନସ ଦୀପ, ରଘୁ, ସାହିଲ, ସୁରେଶ, ମହେଶ, ସୁବ୍ରତ, ଶୁଭମ, ଭରତ, ଚନ୍ଦ୍ର, ଦେର୍ବାଚନ, ଯୋଶବନ୍ତ, ଖୁସିରାମ, ପିୟୁଶ, ନନ୍ଦନ, ସଂଜୀବ, ମାନସ ମେହେର, କିଶୋର, ଚିନ୍ମୟ, ଅବିଶେକ ଏବଂ ଶମ୍ଭୁନାଥ ସହ ଅନ୍ୟାନ୍ୟ ବହୁ ଛାତ୍ରମାନେ ଯୋଗଦାନ କରିଥିଲେ ଏବଂ ଆଗାମୀ ବର୍ଷରେ ବି ଏହାକୁ ଧୁମ୍‌ଧାମ୍‌ରେ ଆୟୋଜନ ପାଇଁ ସମସ୍ତେ ମତବ୍ୟକ୍ତ କରିଛନ୍ତି ।

Printed, Published & Owned by Ananda Chandra Sahu at Anand Printers, Shantipara, Bolangir & Edited by Ananda Chandra Sahu, Shantipara, Bolangir-767002, Ph.(06652)250251, Mobile : 9437151062, 8249183745, email : manmay2008@rediffmail.com, koshalaprabaha@gmail.com

Follow us on website : www.koshalaprabaha.com Koshala prabaha Koshala Prabaha
For Update News Pls. Visit Our News Web Portal : koshalaprabahalive.com

ସଂପାଦକ : ଆନଂଦ ଚଂଦ୍ର ସାହୁ
Editor : Ananda Chandra Sahu